## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ସ୍କୁଟି, ଅଳ୍ପକେ ବର୍ତ୍ତିଲେ ଚାଳକ

**ପଟ୍ଟାମୁଣ୍ଡାଇ,୧୨।୫(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା କଷଣଅଣ୍ଟା ସ୍ଥିତ ଶ'ମିଲ ନିକଟ ମଝି ରାସ୍ତାରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ରାସ୍ତାରେ ଚଳନ୍ତା ସ୍କୁଟି ଜଳି ଯିବାରୁ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ରାଜକନିକା ଥାନା ଅନ୍ତର୍ଗତ କଟଣା ଗ୍ରାମର ପ୍ରଦୀପ୍ତ ବେହେରା (ନଂ. ଓଡି ୨୯ ଡି ୬୯୫୨) ସ୍କୁଟି ଚଳାଇ ପଟ୍ଟାମୁଣ୍ଡାଇ ଅଭିମୁଖେ ଆସୁଥିଲେ। ରାସ୍ତାରେ ହଠାତ ସ୍କୁଟିର ଷ୍ଟାର୍ଟ ବନ୍ଦ ହୋଇ ଯାଇଥିଲା। ଚାଳକ ସ୍କୁଟିକୁ ଷ୍ଟାଣ୍ଡ ମାରିବା ପୂର୍ବରୁ ହଠାତ ଓ୍ୟାରିଂ ଜଳି ଧୂଆଁ ବାହାରିବାରୁ ଚାଳକ ବେହେରା ଦୂରେଇ ଯାଇଥିଲେ। ପରେ ସ୍କୁଟିଟି ଜଳି ଉଠିଥିଲା। ଘଟଣାସ୍ଥଳରେ ବାଟୋଇ ଓ ସ୍ଥାନୀୟ ଲୋକେ ପହଞ୍ଚିଥିଲେ ମଧ ପେଟ୍ରୋଲ ଭରା ଜଳନ୍ତା ସ୍କୁଟିକୁ ଆୟତ କରିବା ସମ୍ଭବ ହୋଇ ନ ଥିଲା। ଖବରପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡିଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା।ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାରୁ ଚାଳକ ସୁରକ୍ଷିତ ଥିବାରୁ ପ୍ରତ୍ୟେକ୍ଷଦର୍ଶୀମାନେ ଆଶ୍ୱସ୍ତ ହୋଇଥିଲେ।

### ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଉପ ନିର୍ଦ୍ଦେଶକ ଡା. ଗିରିଶ ଚନ୍ଦ୍ର ମିଶ୍ରଙ୍କ ପରଲୋକ

**ଡେରାବିଶ,୧୨।୫(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଚଟରାଚକଡା ପଞ୍ଚାୟତ ଚାଟରା ଗ୍ରାମର ତଥା ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡା. ଗିରିଶ ଚନ୍ଦ୍ର ମିଶ୍ର (୮୩)ଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ଡାକ୍ତର ମିଶ୍ର ବାର୍ଦ୍ଧକ୍ୟତା କାରଣରୁ ଦୀର୍ଘଦିନ ଧରି ଅସୁସ୍ଥତା ଥାଇ ଘରେ ରହି ଚିକିତ୍ସିତ ହେଉଥିଲେ। ଡାକ୍ତର ମିଶ୍ର ଜଣେ ମିଷ୍ଟଭାଷୀ, କର୍ତ୍ତବ୍ୟପରାୟଣ, ପରୋପକାରୀ ଓ ଗରିବ ଜନସାଧାରଣଙ୍କ ପାଇଁ ଦରଦୀ ସେବାକାରୀ ଡାକ୍ତର ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ସ୍ୱର୍ଗତ ମିଶ୍ରଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅପରାହ୍ନରେ ଡାକ୍ତର ମିଶ୍ରଙ୍କ ପୁରୀ ସ୍ୱର୍ଗ ଦ୍ୱାରଠାରେ ଶେଷକୃତ୍ୟ କରାଯାଇଥିଲା। ଡାକ୍ତର ମିଶ୍ରଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅରାବଳ ପଞ୍ଚାୟତ ବିଜେଡି ସଭାପତି ନିଯୁକ୍ତ

**ଧର୍ମଶାଳା,୧୨।୫(ଡି.ଏନ.ଏ.):** ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ରଙ୍କ ଅନୁମୋଦନ କ୍ରମେ ଧର୍ମଶାଳା ବ୍ଲକ ଅରାବଳ ପଞ୍ଚାୟତର ନୂତନ ସଭାପତି ଭାବେ ମୋହନ ଚରଣ ସାମଲଙ୍କୁ ନିଯୁକ୍ତି ମିଳିଛି ବୋଲି ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ସାମଲ ବିଜେଡିର ଜଣେ ଭଲ ସଙ୍ଗଠକ ହୋଇଥିବାରୁ ଦଳ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଛି ବୋଲି ସେ ସୂଚନା ଦେଇଛନ୍ତି।

### ଗଞ୍ଜେଇ ଭର୍ତ୍ତି ଅଟୋ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୨।୫:** ଅବକାରୀ ଗୁଇନ୍ଦା ଟିମ ଶୁକ୍ରବାର ଏକ ଗଞ୍ଜେଇ ଭର୍ତ୍ତି ଅଟୋ ଜବତ କରିବା ସହିତ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଉଛନ୍ତି ବଡଗଡ ଥାନା ଅନ୍ତର୍ଗତ ବଡଚିକିଲି ଗ୍ରାମର ପ୍ରମୋଦ କୁମାର ନାୟକ। ଫୁଲବାଣୀରୁ ଆସ୍କା ଦେଇ ବ୍ରହ୍ମପୁରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ଗୁଇନ୍ଦା ଉପ ଅଧିକ୍ଷକ କୁବେର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ଆସ୍କା କାଳଷଣ୍ଡପୁର ଛକରେ ଯାନବାହନ ଚେକିଂ କରୁଥିଲା। ସେହି ରାସ୍ତା ଦେଇ ଆସୁଥିବା ଏକ ଅଟୋ (ନଂ ଓଡ଼ି ୩୨ସି -୯୬୩୯)କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରେ ଦୁଇଟି ଜରି ବସ୍ତାରେ ୧୫୦ କେଜି ରହିଥିବା ଜଣାପଡିଥିଲା। ଚାଲାଣକାରୀ ଜଣଙ୍କ ପ୍ରମୋଦ କୁମାର ନାୟକ ହୋଇଥିବା ବେଳେ ସେ ଉକ୍ତ ଗଞ୍ଜେଇ ଫୁଲବାଣୀରୁ ବେଆଇନ ଭାବେ ଚାଲାଣ କରୁଥିବା ଅବକାରୀ ଟିମ ପକ୍ଷରୁ ସୂଚନା ମିଳିଛି। ଜବତ ଗଞ୍ଜେଇ ଓ ଅଟୋର ମୂଲ୍ୟ ୧୬ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ସେଠୀ କହିଛନ୍ତି। ମାମଲା ନମ୍ବର ୭୩/୨୩-୨୪ରେ ପ୍ରମୋଦଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଗୁଇନ୍ଦା ଇନ୍ସପେକ୍ଟର ଡା.ଅଶୋକ ସାହୁ, ହୃଦୟ ଚନ୍ଦ୍ର ସାମନ୍ତ, ଏଏସଆଇ ବ୍ରଜ ବିହାରୀ ନାୟକ, କନେଷ୍ଟବଳ କପିଳାସ ଭତ୍ରା, ବଳରାମ ଜେନା, ସନ୍ତୋଷ ନାୟକ, କୁମୁଦ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# କ୍ୟାମ୍ପ କୋର୍ଟରେ ଜମିଜମା ସମସ୍ୟାର ସମାଧାନ କର: ଆରଡିସି



ସମୀକ୍ଷା ବୈଠକରେ ଆରଡିସି ଓ ଅନ୍ୟମାନେ।

**ଯାଜପୁର ଅଫିସ,୧୨।୫**

ଜମିଜମା ସମସ୍ୟା ଲୋକଙ୍କୁ ଅଡୁଆରେ ପକାଉଛି। ବିଭିନ୍ନ ସମୟରେ ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହିକ୍ରମରେ ତହସିଲଦାରମାନେ ନିୟମିତ କ୍ୟାମ୍ପ କୋର୍ଟ କରି ଜମିଜମା ସମସ୍ୟାଗୁଡ଼ିକର ସମାଧାନ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ଶୁକ୍ରବାର ଗୁରୁତ୍ୱାରୋପ କରିଛନ୍ତି। ଆରଡିସି ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷାରେ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରି ଏହା କହିଛନ୍ତି। ଏହାପୂର୍ବରୁ ଆର୍‌ଡିସି ରାଜ୍ୟ ପରିବହନ ବିଭାଗ ତରଫରୁ ପୋଲିସ ହାଉସିଂ ବୋର୍ଡ ଦ୍ୱାରା ନିର୍ମିତ ଏଲ୍‌ଏଲ୍‌ଓ ବାହନ ହଲକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଆଞ୍ଚଳିକ

**ଯାଜପୁର ଆର୍‌ଟିଓ ରାଜ୍ୟର ପ୍ରଥମ ସୋଲାର ପାୱାର କାର୍ଯ୍ୟାଳୟ**

ପରିବହନ କାର୍ଯ୍ୟାଳୟ (ଆରଟିଓ) ସୌରଶକ୍ତି ଦ୍ୱାରା ପରିଚାଳିତ ହୋଇ ରାଜ୍ୟରେ ପ୍ରଥମ ସୋଲାର ପାୱାର କାର୍ଯ୍ୟାଳୟ ଭାବେ ପରିଗଣିତ ହୋଇଥିବା ଆର୍‌ଡିସି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଯାଜପୁର ଆରଟିଓ ଅଧୀନରେ ରାଜସ୍ୱ ଆଦାୟ ଧାର୍ଯ୍ୟ ୨୭.୧୩ କୋଟି ଲକ୍ଷ୍ୟ ଦିଆଯାଇଥିବାବେଳେ ଏହା ମୂଳ ଲକ୍ଷ୍ୟ ଠାରୁ ୧୮% ଅଧିକ ତଥା ୩୨.୦୮ କୋଟି ରାଜସ୍ୱ ଆଦାୟ ହୋଇଛି। ଆର୍‌ଡିସି ଏହି ସଫଳତା ଉପରେ ସନ୍ତୋଷ ବ୍ୟକ୍ତ କରି ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ କଡ଼ାକଡ଼ି କରିବା ସହ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାରକୁ ଜିଲାରେ ଶୂନ୍ୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସମୀକ୍ଷା ବୈଠକରେ ମହିଳା ଓ ଶିଶୁ ସୁରକ୍ଷା ଯୋଜନାଗୁଡ଼ିକୁ ଠିକ୍ ଭାବେ ରୂପାୟନ କରିବା, ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗକୁ ଆସୁଥିବା ଦରଖାସ୍ତଗୁଡ଼ିକର ସମାଧାନ କରିବାକୁ ଆର୍‌ଡିସି ପରାମର୍ଶ ଦେଇଛନ୍ତି। ସେହିପରି ବସୁନ୍ଧରା ଯୋଜନା ଅଗ୍ରଗତି ଉପରେ ସେ ସମୀକ୍ଷା କରିଛନ୍ତି। ଏହାସହ ନୂତନ ଭାବେ ନିର୍ମାଣ ହେବାକୁ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକ ପାଇଁ ଟେଣ୍ଡର ଡାକି କାର୍ଯ୍ୟାଦେଶ ଦେବା ସହିତ ପୁରୁଣା ଗୃହଗୁଡିକର ପୁନଃ ନିର୍ମାଣ କାର୍ଯ୍ୟ, ତହସିଲ କାର୍ଯ୍ୟାଳୟ ମରାମତି, ଜାତୀୟ ରାଜପଥ ନିର୍ମାଣରେ ଜମି ଅଧିଗ୍ରହଣ, ୨୮୨୬ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ଓ ଏ ସଂକ୍ରାନ୍ତୀୟ ଜମିଜମା ସମସ୍ୟା ଆଦି ବିଷୟବସ୍ତୁ ଉପରେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପଚାରି ବୁଝିଛନ୍ତି। ସେହିପରି ମିଶନ ଶକ୍ତି ଗୃହ, ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ପରିଚାଳନା, ଶିଶୁ ଓ ମାତୃ ମଙ୍ଗଳ କାର୍ଯ୍ୟକ୍ରମ, ଆଶା, ଏଏନ୍‌ଏମ୍, ଅଙ୍ଗନୱାଡି କର୍ମୀ, ମୋ ସେବା କେନ୍ଦ୍ର, ସୁଷମ ବଣ୍ଟନ ବ୍ୟବସ୍ଥା, ଖରିଫ ଋତୁରେ ଧାନ ସଂଗ୍ରହ ବ୍ୟବସ୍ଥା, ଆଇଜିଏନ୍‌ଓପି, ବାଣିଶ୍ରୀ ଯୋଜନା, ସବର୍ଣ୍ଣ ଅସବର୍ଣ୍ଣ ବିବାହ ସହାୟତା ପ୍ରଦାନ ରାଶି, ଭିନ୍ନକ୍ଷମ ସହାୟତା, ସ୍ୱଳ୍ପ ସଞ୍ଚୟ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ଯୋଜନାଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ସମୀକ୍ଷା ବୈଠକରେ ଜିଲାପାଳ ଚକ୍ରବର୍ତ୍ତି ସିଂହ ରାଠୋର, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦିବ୍ୟଲୋଚନ ମହାନ୍ତ, ଉପଜିଲାପାଳ ଗୋପୀନାଥ କୁଅଁର, ବିଭିନ୍ନ ବିଭାଗର ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ୧୪ରେ କଣ୍ଡିଆ ଫାଣ୍ଡି ଘେରିବ ପ୍ରଗତିଶୀଳ ମହିଳା ସମିତି

**ରାଜକନିକା,୧୨।୫(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ହାଟସାହି ପଞ୍ଚାୟତ ସରପଞ୍ଚ ସୀତାରାଣୀ ଦାସଙ୍କ ବିରୋଧରେ ପୋଲିସ ପକ୍ଷରୁ ମିଥ୍ୟା ମାମଲା ରୁଜୁ କରାଯାଇଛି। ଏ ନେଇ ହାଟସାହି ଶାଖା ପ୍ରଗତିଶୀଳ ମହିଳା ସମିତି ପକ୍ଷରୁ ଆସନ୍ତା ୧୪ ତାରିଖ ବିଶ୍ୱ ମାତୃ ଦିବସ ପାଳନ ଅବସରରେ କଣ୍ଡିଆ ଫାଣ୍ଡି ଘେରାଉ କରାଯିବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ରାଜକନିକାର ବ୍ଲକ, ତହସିଲ ଓ ଥାନା ପ୍ରଶାସନଙ୍କୁ ମଧ୍ୟ ଲିଖିତ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ମହିଳା ସମିତି ପକ୍ଷରୁ କୁହାଯାଉଛି ସରପଞ୍ଚ ଦାସଙ୍କ ବିରୋଧରେ ସମ୍ପୂର୍ଣ୍ଣ ମିଥ୍ୟା ମାମଲା, କପୋଳ କଳ୍ପିତ, ମନଗଢା କାଳ୍ପନିକ ନାଟକ ରଚନା କରାଯାଇଛି। ପୋଲିସ୍ ବିନା ତଦନ୍ତ ଫାଣ୍ଡିରେ ବସି କେମିତି ଜଣେ ମହିଳାଙ୍କ ନାମରେ ମାମଲା ରୁଜୁ କରାଯାଇଛି। ମହିଳା ସମିତି ପକ୍ଷରୁ ଏହି ଘଟଣାକୁ ତୀବ୍ର ବିରୋଧ କରିବା ସହ ନିନ୍ଦା କରାଯାଇ ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପ୍ରଗତିଶୀଳ ମହିଳା ସମିତିର ଶତାଧିକ ମହିଳାଙ୍କ ସମେତ ପଞ୍ଚାୟତର ମହିଳାମାନେ କଣ୍ଡିଆ ଫାଣ୍ଡି ଘେରାଉ କରିବେ ବୋଲି ସଭାନେତ୍ରୀ ସରୋଜିନୀ ବିଶ୍ୱାଳ ଓ ସମ୍ପାଦିକା ଝରଣା ରାଉତ ଚେତାବନୀ ଦେଇଛନ୍ତି।

## ନଳିତାପାଟିଆ, ଶାରଦାପ୍ରସାଦ ମୌଜାରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ

**ରାଜନଗର, ୧୨।୫(ଡି.ଏନ.ଏ.)**



ରାଜନଗର ତହସିଲ ପକ୍ଷରୁ ନଳିତାପାଟିଆ ଓ ଶାରଦାପ୍ରସାଦ ମୌଜାରେ ଶୁକ୍ରବାର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଇଛି। ନଳିତାପାଟିଆରୁ ତାଳଚୁଆ ମଧ୍ୟରେ ନଦୀକୂଳରେ ଘେରି ନ କରିବାକୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା। ଫେବୃୟାରୀ ୨୦ରେ ୧୮ଟି ଘେରିକୁ ନୋଟିସ ଦିଆଯାଇଥିଲା। ୧୫ଦିନ ମଧ୍ୟରେ ଘେରି ଉଠାଇ ନେବାକୁ କୁହାଯାଇଥିଲା। ମାତ୍ର ସେମାନେ ଘେରି ଭାଙ୍ଗିବା ପରିବର୍ତ୍ତେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଯାଆଁଳ ଛାଡି ଘେରି ଆରମ୍ଭ କରିଥିଲେ। ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସଓନ କୁମାର ଭୋଳ, ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଅନାମ ଚରଣ ନାୟକ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ସହ ପୋଲିସ ଟିମ୍ ପହଞ୍ଚି ବେଆଇନ ଘେରି ଉଚ୍ଛେଦ କରିଥିଲେ। ଶୁକ୍ରବାର ୧୦ଟି ଘେରି ଉଚ୍ଛେଦ କରାଯାଇଛି। ଖୁବ୍‌ଶୀଘ୍ର ଅନ୍ୟ ବେଆଇନ ଘେରିଗୁଡ଼ିକ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଭୂୟାଁ ସୂଚନା ଦେଇଛନ୍ତି।

## ଲକ୍ଷ୍ମୀବରାହ ହାଇସ୍କୁଲ,ମା'ନଉଲ କୁମାରୀ କ୍ରିକେଟ ଟିମ୍ ଚାମ୍ପିୟନ




ଚାମ୍ପିୟନ ଦଳଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

**ରାଜନଗର, ୧୨।୫(ଡି.ଏନ.ଏ.)**

**ଯଶୋଦା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାଜନଗର ବ୍ଲକ ହାଇସ୍କୁଲ ପଡ଼ିଆଠାରେ ମା'ତାରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ଯଶୋଦା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୧୭ ବର୍ଷରୁ କମ୍ କ୍ରିକେଟ ଫାଇନାଲ ମ୍ୟାଚରେ ହାତିନା ଲକ୍ଷ୍ମୀ ବରାହ ହାଇସ୍କୁଲ ଓ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମୀ ବରାହ ହାଇସ୍କୁଲ ଶ୍ରୀଜଗନ୍ନାଥ ହାଇସ୍କୁଲକୁ ୨୦ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ତୁଷାରକାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ ଓ ତେଜେଶ୍ୱର ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ସେହିପରି ସିନିୟର ଗ୍ରୁପ ଫାଇନାଲ ମ୍ୟାଚରେ ବ୍ରାହ୍ମଣୀ କୋଲ୍ଲା ମା'ନଉଲକୁମାରୀ କ୍ରିକେଟ ଟିମ ଏବଂ କେରେଡ଼ାଗଡ଼ ବାବା ବରୁଣେଶ୍ୱର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାବା ବରୁଣେଶ୍ୱର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯୩ ରନ ସଂଗ୍ରହ କରିଥିଲା। ଜବାବରେ ମା'ନଉଲ କୁମାରୀ କ୍ରିକେଟ ଟିମ୍ ୬ ଉଇକେଟ ହରାଇ ୯୪ ରନ୍ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଅଲରାଉଣ୍ଡର ଗୋପଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ବାସୁଦେବ ସାହୁ, ବିରଞ୍ଚି ପରିଡା ପରିଚାଳନା କରିଥିବା ବେଳେ ତାରିଣୀ କ୍ରିକେଟ କ୍ଲବର ଅଶୋକ କୁମାର ଦାସ, ଶୁଭମ କୁମାର ଦାସ, ବିଶିକେଶନ ସେଠୀ, ଅଜୟ ଶର୍ମା, ଅଶୋକ ମହାରଣା, ମାନସ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ସ୍ଥାପନର ବାର୍ଷିକ ଉତ୍ସବ

**ରାଜନଗର, ୧୨।୫ (ଡି.ଏନ.ଏ.)**

ଭୀମରାଓ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ସ୍ଥାପନର ବାର୍ଷିକ ଉତ୍ସବ ଓ ୧୩୨ତମ ଜନ୍ମ ଜୟନ୍ତୀ ରାଜନଗର ତହସିଲ ପରିସରରେ ଆୟୋଜିତ ହୋଇଯାଇଛି। ଲୋହିଆ ବିଚାର ମଞ୍ଚର ପଟ୍ଟାମୁଣ୍ଡାଇ ଶାଖା ସଂଘର ସଭାପତି ବାରେଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଭାରତରତ୍ନ ଡ. ବାବା ସାହେବ ଆମ୍ବେଡ୍‌କରଙ୍କ ଜୀବନ ଦର୍ଶନ ଉପରେ ମତ ରଖିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଆମ୍ବେଡ୍‌କର ଲୋହିଆ ବିଚାର ମଞ୍ଚର ରାଜ୍ୟ ସଭାପତି ସଂଗ୍ରାମ କେଶରୀ ମଲ୍ଲିକ ଯୋଗଦେଇ ସମତାର ବାର୍ତ୍ତା ବହନ କରି ଉଚ୍ଚ ନୀଚ ଭେଦଭାବ ଦୂର କରି ସମତା ଭିତ୍ତିକ ସମାଜ ଗଠନ କରିବାକୁ ଡ. ଆମ୍ବେଡ୍‌କରଙ୍କ ଜୀବନ ଆମ ସମାଜକୁ ପ୍ରଭାବିତ କରିଥିବାରୁ ସମାଜର ତଳସ୍ତରରେ ଥିବା ନିଷ୍ପେସିତ ବହୁଜନମାନେ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବାରେ ସକ୍ଷମ ହୋଇପାରିଛନ୍ତି ବୋଲି କହିଥିଲେ। ରାଜନଗର ବ୍ଲକ ଲୋହିଆ ବିଚାର ମଞ୍ଚର ମହିଳା ଶାଖା ସଭାପତି ପ୍ରମିଳା ସେଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଫେଙ୍କର ବେଦାନ୍ତ କମ୍ପାନୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**କାଳିଆପାଣି,୧୨।୫(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି କ୍ରୋମାଇଟ ଅଞ୍ଚଳରେ କାର୍ଯ୍ୟ କରୁଥିବା ଫେଙ୍କର ବେଦାନ୍ତ କମ୍ପାନୀ ପକ୍ଷରୁ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଖଣି ଦ୍ୱାରା ପ୍ରଭାବିତ ୫ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ରାଁସୋଳ, କାଳିଆପାଣି, କଅଁସରେ ତାହା ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨ ତାରିଖରୁ ଆରମ୍ଭ ହୋଇଥିବା ସ୍ୱାସ୍ଥ୍ୟ ଶିବିରରେ ବହୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଉଛି । ଏହି ଅବସରରେ ୭ଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଦେବାର ବ୍ୟବସ୍ଥା ଅଛି ବୋଲି ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି । କମ୍ପାନୀର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ନିଳେନ୍ଦ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରକୁ ଲୋଜେଷ୍ଟିକ ପରିଚାଳକ ଅଜୟ କୁମାର ପାତ୍ର ପରିଚାଳନା କରୁଛନ୍ତି । ଆଗାମୀ ଦିନରେ ଆଉ ୨ ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ଥିବା ଶିବିରରେ ୭ଶହରୁ ଅଧିକ ରୋଗୀଙ୍କୁ ଚିହ୍ନଟ କରାଯିବା ସହିତ ସ୍ୱାସ୍ଥ୍ୟପରୀକ୍ଷା କରାଯିବ ବୋଲି ପାତ୍ର ପ୍ରକାଶ କରିଛନ୍ତି ।

# ମଙ୍ଗଳପୁର-ବଡ଼କୁଆଁଳ ରାସ୍ତା କାମରେ ଦୁର୍ନୀତି

**ପ୍ରୀତିପୁର,୧୨।୫(ଡି.ଏନ୍.ଏ.)**



ନିର୍ମାଣାଧୀନ ରାସ୍ତା।

ସରକାର ପ୍ରତିବର୍ଷ ରାସ୍ତାଘାଟ ନିର୍ମାଣରେ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ କେତେକ ସ୍ଥାନରେ ଦାୟିତ୍ୱରେ ଥିବା ଅଧିକାରୀ, ଠିକାଦାର ଓ ରାଜନେତାଙ୍କ ମଧୁଚନ୍ଦ୍ରିକା ଯୋଗୁ ସେହି ଅର୍ଥ ବାଟମାରଣା ହେଉଛି । ଫଳରେ ରାସ୍ତା କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏପରିକି କେତେକ କ୍ଷେତ୍ରରେ ସରକାରୀ ନିୟମ ମୁତାବକ(ଏଷ୍ଟିମେଟ) କାମ କରା ନ ଯାଇ ଠିକାଦାର ନିଜ ମନ ମୁତାବକ କାମ କରୁଥିବା ଦେଖିବାକୁ ମିଳୁଛି। କାମ ଆରମ୍ଭ ପୂର୍ବରୁ ସୂଚନାଫଳକ ଲଗାଇବାର ନିୟମ ରହିଥିଲେ ମଧ ଠିକାଦାର ବହୁ ବିଳମ୍ବରେ ତ୍ରୁଟିପୂର୍ଣ୍ଣ ତଥା ଅସମ୍ପୂର୍ଣ୍ଣ ଫଳକ ଲଗାଇ ଜନସାଧାରଣଙ୍କୁ ଅନ୍ଧାରରେ ରଖିବାକୁ ପ୍ରୟାସ କରୁଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ବିଂଝାରପୁର ଗ୍ରାମ ଉନ୍ନୟନ ବିଭାଗ ଅଧୀନ ମଙ୍ଗଳପୁର-ବଡକୁଆଁଳ ରାସ୍ତା କାମରେ ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳପୁର-ବଡକୁଆଁଳ ରାସ୍ତା ଉପରେ ଦଶରଥପୁର ଓ ବିଂଝାରପୁର ବ୍ଲକର ଲୋକଙ୍କ ସମେତ ଯାଜପୁର, କେନ୍ଦ୍ରାପଡ଼ା ଜିଲାର ଜନସାଧାରଣ ନିର୍ଭର କରିଥାନ୍ତି। ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉକ୍ତ ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହୋଇଆସୁଥିଲା। ମାତ୍ର ପ୍ରଶାସନ ଏହାକୁ ଅଣଦେଖା କରି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ରାସ୍ତାକାମ ସାରିବାକୁ ଟେଣ୍ଡର କରିଥିଲା। ଯାହାର କାର୍ଯ୍ୟାଦେଶ ସୁଶାନ୍ତ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାୟ ୮.୫୫୦ କି.ମି. ରାସ୍ତା ନିର୍ମାଣ ନିମନ୍ତେ ୮ କୋଟି ୩୧ ଲକ୍ଷ ୮ ହଜାର ଟଙ୍କା ଓ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ମିଶାଇ ୮.୫ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା। ଏହି ଅର୍ଥରେ ୫.୫ ମିଟର ଓସାର ରାସ୍ତା ନିର୍ମାଣ କରାଯିବା ସହିତ ୬.୪୬୪ କି.ମି. ପିଚୁ ରାସ୍ତା ଓ ୨.୦୫୬ କିମି ସିସି ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ଥିଲା । ମାତ୍ର ଯନ୍ତ୍ରୀ-ଠିକାଦାର ଓ ରାଜନେତାଙ୍କ ଅସାଧୁ ମେଣ୍ଟ ଯୋଗୁ ଉକ୍ତ ରାସ୍ତା କାମରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ସୂଚନା ଫଳକରେ ନାହିଁ କାମର ସବିଶେଷ ବିବରଣୀ**

ପୂର୍ବ ରାସ୍ତାକୁ ସମ୍ପ୍ରସାରଣ ନିମନ୍ତେ ଉଭୟ ପାର୍ଶ୍ୱରେ କରାଯାଉଥିବା କଂକ୍ରିଟ୍ କାମରେ ଧାର୍ଯ୍ୟ ପରିମାଣଠାରୁ ବହୁ କମ୍ ସିମେଣ୍ଟ ଓ ଅଧିକ ବାଲି ମିଶାଯାଇଥିବାରୁ ତାହା ବହୁ ସ୍ଥାନରେ ଦବି ଯିବା ସହିତ ଫାଟ ସୃଷ୍ଟି ହୋଇଛି। ଉଭୟ ପାର୍ଶ୍ୱ ସମ୍ପ୍ରସାରଣ ନିମନ୍ତେ ପ୍ରଥମେ ମାଟି ଖୋଳାଯାଇ ୧୫୦ ମିମି ବାଲି ଓ ପରେ ୧୦୦ମିମି ଡିଏଲସି କରାଯିବା କଥା ମାତ୍ର ଏକାଧିକ ସ୍ଥାନରେ ଧାର୍ଯ୍ୟ ପରିମାଣରେ ବାଲି ନ ଦିଆଯିବା ଓ ରୋଲିଂ ନ କରାଯାଇ ପଚପଚିଆ କାଦୁଅ ଉପରେ ଡିଏଲସି କରାଯାଉଥିବା ଦେଖିବାକୁ ମିଳିଛି । ସେହିପରି ଉକ୍ତ ରାସ୍ତାର କେନ୍ଦୁଆକୂଳ ଓ ବଡ଼କୁଆଁଳ ନିକଟରେ ନିର୍ମାଣାଧୀନ ଥିବା ସେତୁ କାର୍ଯ୍ୟରେ ମଧ ବହୁ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଏହି କାମରେ ବି ଆବଶ୍ୟକତା ଠାରୁ ବହୁ କମ୍ ପରିମାଣରେ ସିମେଣ୍ଟ ଓ ବହୁ ଅଧିକ ପରିମାଣରେ ବାଲି ମିଶାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏଭଳି ଅନିୟମିତତା ସମ୍ପର୍କରେ ପ୍ରତିବାଦ କଲେ ଠିକାଦାର ସ୍ଥାନୀୟ ନେତାଙ୍କ ସହାୟତାରେ ଅଭିଯୋଗକାରୀଙ୍କୁ ଧମକଚମକ ମଧ ଦେଉଥିବା ଅଭିଯୋଗ ହେଉଛି। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ନିୟମିତ ଘଟଣାସ୍ଥଳକୁ ଆସୁ ନ ଥିବାରୁ ଏହି କାମ ନିମ୍ନମାନର ହେଉଛି। ଏଭଳି ଅଭିଯୋଗ ସମ୍ପର୍କରେ ଠିକାଦାର ସୁଶାନ୍ତ ପରିଡ଼ାଙ୍କୁ ଯୋଗାଯୋଗ କରାଯାଇଥିଲା । ସେ ଏଭଳି ଅଭିଯୋଗକୁ ଅସ୍ୱୀକାର କରିବା ସହିତ ଜଣେ ସରପଞ୍ଚଙ୍କ ପରାମର୍ଶଙ୍କ ଅନୁଯାୟୀ କାମ ହେଉଛି ବୋଲି କହିଥିଲେ। ସେହିପରି ବିଭାଗୀୟ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟବ୍ୟସ୍ତତା ଯୋଗୁ କାମ ହେଉଥିବା ସ୍ଥାନକୁ ସେ ଯାଇ ପାରୁନାହାନ୍ତି । ସେଥିପାଇଁ ଅନ୍ୟ କର୍ମଚାରୀଙ୍କୁ କାମ ତଦାରଖ ନିମନ୍ତେ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୃଦ୍ଧଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୨।୫(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋଗୁଆଠାରେ ଜଣେ ବୃଦ୍ଧ ତାଙ୍କ ଘର ସଂଲଗ୍ନ ନିର୍ମାଣାଧୀନ ଦୋକାନ ଘରେ ପାଣି ଦେଉଥିବାବେଳେ ଶୁକ୍ରବାର ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି। ସେ ହେଲେ ଗାଁର ପ୍ରଫୁଲ୍ଲ ବଳ (୭୦)। ସକାଳ ୮ଟାରେ ତାଙ୍କ ଘର ସଂଲଗ୍ନ ନିର୍ମାଣାଧୀନ ଦୋକାନ ଘରେ ଟୁଲୁ ପମ୍ପ ସାହାଯ୍ୟରେ ପାଣି ଦେଉଥିଲେ। ମାତ୍ର ଟୁଲୁ ପମ୍ପ ତାରରେ ସର୍ଟସର୍କିଟ ଥିବା ଯୋଗୁ ବୃଦ୍ଧ ଜଣକ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଚୌଦକୁଲାଟ ଫାଣ୍ଡିରେ ଅଭିଯୋଗ କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ରାସ୍ତାରେ ଜଳିଗଲା ସ୍କୁଟି, ଅଳ୍ପକେ ବର୍ତ୍ତିଲେ ଚାଳକ

**ପଟ୍ଟାମୁଣ୍ଡାଇ,୧୨।୫(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା କଷଣଅଣ୍ଟା ସ୍ଥିତ ଶ'ମିଲ ନିକଟ ମଝି ରାସ୍ତାରେ ଶୁକ୍ରବାର ମଧାହ୍ନ ୧୨ଟାରେ ରାସ୍ତାରେ ଚଳନ୍ତା ସ୍କୁଟି ଜଳି ଯିବାରୁ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ରାଜକନିକା ଥାନା ଅନ୍ତର୍ଗତ କଟଣା ଗ୍ରାମର ପ୍ରଦୀପ୍ତ ବେହେରା (ନଂ. ଓଡି ୨୯ ଡି ୬୯୫୨) ସ୍କୁଟି ଚଳାଇ ପଟ୍ଟାମୁଣ୍ଡାଇ ଅଭିମୁଖେ ଆସୁଥିଲେ। ରାସ୍ତାରେ ହଠାତ ସ୍କୁଟିର ଷ୍ଟାର୍ଟ ବନ୍ଦ ହୋଇ ଯାଇଥିଲା। ଚାଳକ ସ୍କୁଟିକୁ ଷ୍ଟାଣ୍ଡ ମାରିବା ପୂର୍ବରୁ ହଠାତ ଓ୍ୱାରିଂ ଜଳି ଧୂଆଁ ବାହାରିବାରୁ ଚାଳକ ବେହେରା ଦୂରେଇ ଯାଇଥିଲେ। ପରେ ସ୍କୁଟିଟି ଜଳି ଉଠିଥିଲା। ଘଟଣାସ୍ଥଳରେ ବାଟୋଇ ଓ ସ୍ଥାନୀୟ ଲୋକେ ପହଞ୍ଚି ଥିଲେ ମଧ ପେଟ୍ରୋଲ ଭରା ଜଳନ୍ତା ସ୍କୁଟିକୁ ଆୟତ କରିବା ସମ୍ଭବ ହୋଇ ନ ଥିଲା। ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡିଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା।ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାରୁ ଚାଳକ ସୁରକ୍ଷିତ ଥିବାରୁ ପ୍ରତ୍ୟେକ୍ଷଦର୍ଶୀମାନେ ଆଶ୍ୱସ୍ତ ହୋଇଥିଲେ।

### ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଉପ ନିର୍ଦ୍ଦେଶକ ଡା. ଗିରିଶ ଚନ୍ଦ୍ର ମିଶ୍ରଙ୍କ ପରଲୋକ

**ଡେରାବିଶ,୧୨।୫(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଚଟରାଚକଡା ପଞ୍ଚାୟତ ଚାଟରା ଗ୍ରାମର ତଥା ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡା. ଗିରିଶ ଚନ୍ଦ୍ର ମିଶ୍ର (୮୩)ଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ଡାକ୍ତର ମିଶ୍ର ବାର୍ଦ୍ଧକ୍ୟତା କାରଣରୁ ଦୀର୍ଘଦିନ ଧରି ଅସୁସ୍ଥତା ଥାଇ ଘରେ ରହି ଚିକିତ୍ସିତ ହେଉଥିଲେ। ଡାକ୍ତର ମିଶ୍ର ଜଣେ ମିଷ୍ଟଭାଷୀ, କର୍ତ୍ତବ୍ୟପରାୟଣ, ପରୋପକାରୀ ଓ ଗରିବ ଜନସାଧାରଣଙ୍କ ପାଇଁ ଦରଦୀ ସେବାକାରୀ ଡାକ୍ତର ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ସ୍ୱର୍ଗତ ମିଶ୍ରଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅପରାହ୍ନରେ ଡାକ୍ତର ମିଶ୍ରଙ୍କ ପୁରୀ ସ୍ୱର୍ଗ ଦ୍ୱାରଠାରେ ଶେଷକୃତ୍ୟ କରାଯାଇଥିଲା। ଡାକ୍ତର ମିଶ୍ରଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପାନୀୟଜଳ, ଶିକ୍ଷା ଓ ଉନ୍ନୟନମୂଳକ କାମକୁ ଗୁରୁତ୍ୱ


ବୈଠକରେ ଯୋଗଦେଇଥିବା ରାଜନଗର ବ୍ଲକର ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟମାନେ।

## ରାଜନଗର ପଞ୍ଚାୟତ ସମିତି ୩ୟ ବୈଠକ

**ରାଜନଗର, ୧୨।୫ (ଡି.ଏନ.ଏ.)**

ରାଜନଗର ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ନଳକୂପ ଖନନ, ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି, ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପ ମରାମତି ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷା ଓ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମ କିପରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଲ୍ କରାଯିବ, ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ରାଜନଗର ଗସ୍ତରେ ଆସି ବଗପାଟିଆ ଥଇଥାନ ପ୍ରକଳ୍ପ, ମା' ପଞ୍ଚୁବରାହୀ ମନ୍ଦିର, କେରେଡ଼ାଗଡ଼ ଶ୍ରୀଜଗନ୍ନାଥ ମନ୍ଦିର, କେରେଡ଼ାଗଡ଼ସ୍ଥିତ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମପୀଠ ଆଶ୍ରମ ପରିଦର୍ଶନ କରିଥିଲେ। ୫-ଟି ସଚିବଙ୍କ ଗସ୍ତର ଗୋଟିଏ ଦିନ ପରେ ବଗପାଟିଆ ଥଇଥାନ ପ୍ରକଳ୍ପକୁ ୨୨ କୋଟି ୫୨ ଲକ୍ଷ ଟଙ୍କା ଓ ରାଜନଗର କଲେଜକୁ ୨ କୋଟି ୨୫ ଲକ୍ଷ ଟଙ୍କା ଏବଂ ରାଜନଗରର ଅନ୍ୟ ସମସ୍ତ ମହାବିଦ୍ୟାଳୟକୁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ବିଧାୟକ ଧ୍ରୁବ ସାହୁଙ୍କୁ ଧନ୍ୟବାଦ ଦେବାକୁ ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ ଏହାକୁ ସମର୍ଥନ କରିଥିଲେ। ବର୍ତ୍ତମାନ ପ୍ରବଳ ଖରା ଯୋଗୁ କିଛି ସ୍ଥାନରେ ନଳକୂପ ଅଚଳ ହୋଇପଡ଼ିଛି। ବିଧାୟକ ସାହୁ ବୈଠକରେ ଉପସ୍ଥିତ ରହି ପ୍ରତ୍ୟେକ ପଞ୍ଚାୟତ ସେମାନଙ୍କ ଟାଏଡ଼ ଫଣ୍ଡରୁ ଗୋଟିଏ ଲେଖାଏ ନଳକୂପ ଖୋଳିବାକୁ ଅର୍ଥ ଦିଅନ୍ତୁ, ପଞ୍ଚାୟତ ସମିତି ଓ ଜିଲାପରିଷଦ ଆଉ ଗୋଟିଏ ନଳକୂପ ଖୋଳିବାକୁ ଅର୍ଥ ଦିଅନ୍ତୁ। ଫଳରେ ଗୋଟିଏ ପଞ୍ଚାୟତରେ ନିହାତି ଆବଶ୍ୟକ ଥିବା ସ୍ଥାନରେ ୨ଟି ନଳକୂପ ଖୋଳି ହେବ। ଏଥିସହ ଯେଉଁଠି ପାଣିର ଉତ୍ସ ଅଛି, ଅର୍ଥାତ୍ ପମ୍ପ ହାଉସ୍ ଅଛି, ସେଠାରେ ମେଗା ପାନୀୟ ଜଳ ପ୍ରକଳ୍ପରେ ଯୁଦ୍ଧକାଳୀନ ଭିତ୍ତିରେ ପାଇପ ବିଛାଇବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜନଗର ବ୍ଲକରେ ନଳକୂପ ସଜାଡ଼ିବାକୁ ଗୋଟିଏ ଭ୍ୟାନ ବୁଲୁଛି। ଫଳରେ ଠିକ୍ ସମୟରେ ନଳକୂପ ସଜାଡ଼ିବାରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ଆସୁଛି। ଖରାଦିନ ଶେଷ ହେବା ଯାଏ ବ୍ଲକର ୩ଟି ଜୋନରେ ୩ଟି ନଳକୂପ ରିପ୍ୟାରିଂ ଭ୍ୟାନ ବୁଲିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାୟାକଳ୍ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାରା ରାଜ୍ୟରେ ୧୬ତମ ସ୍ଥାନରେ ରହିଛି। ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଥିଲା। ସବୁଠୁ ବଡ଼କଥା ହେଲା ବ୍ଲକରେ କାମ ହେବା ପରେ ବିଲ୍ ପାଇଁ ମାସ ମାସ ସମୟ ଲାଗିଯାଉଛି। ଯାହାକୁ ନେଇ ବୈଠକରେ ଅଧିକାଂଶ ସଭ୍ୟାସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। କାମ ହେବାର ଗୋଟିଏ ସପ୍ତାହ ଭିତରେ ବିଲ ହେବ। ଫାଇଲ କାହା ପାଖରୁ କାହା ପାଖକୁ ଯାଉଛି, ସେ ନେଇ ଲଗ୍‌ବୁକ ମେଣ୍ଟେନ ହେବ, ଫଳରେ କାହା ପାଖରେ ଫାଇଲ ପଡ଼ି ରହୁଛି, ତାହା ଜଣାପଡ଼ିବ। ଏଣିକି ବିଲ ହେବାରେ ବିଳମ୍ବ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ରାଜନଗର ବ୍ଲକରେ କେଉଁ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଠିକ୍ ନାହିଁ, ତାହାର ଏକ ତାଲିକା ପ୍ରସ୍ତୁତ କରି ବ୍ଲକ ପ୍ରଶାସନକୁ ଜଣାଇବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ଜଳ ଓ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନରେ ବ୍ୟକ୍ତିଗତ ପାଇଖାନା ପ୍ରଦାନରେ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ନେଇ ଏକ ଷ୍ଟାଣ୍ଡିଂ କମିଟି ଗଠନ କରାଯିବ। ଏବିଡିଓ ଏହି କମିଟିର ଅଧ୍ୟକ୍ଷ ରହିବେ ଓ ବ୍ଲକର ନିର୍ବାହୀ ଯନ୍ତ୍ରୀ ଏହାର ନୋଡାଲ ଅଫିସର ରହିବେ। ତୁରନ୍ତ ବଞ୍ଚିତ ହିତାଧିକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରି ବ୍ୟକ୍ତିଗତ ପାଇଖାନା ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଡିଓ ସମୀର କୁମାର ବେହେରା କିପରି ଠିକ୍ ସମୟରେ କାମ ହେବ ଓ ବିଲ୍ ହେବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ସୁରେନ୍ଦ୍ର ପ୍ରସାଦ ରାଉତ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ନିର୍ବାହୀଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ଜିପିଇଓ ଧର୍ମାନନ୍ଦ ବେହେରା, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

# ୧୪ରେ କଣ୍ଡିଆ ଫାଣ୍ଡି ଘେରିବ ପ୍ରଗତିଶୀଳ ମହିଳା ସମିତି

**ରାଜକନିକା,୧୨।୫(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ହାଟସାହି ପଞ୍ଚାୟତ ସରପଞ୍ଚ ସୀତାରାଣୀ ଦାସଙ୍କ ବିରୋଧରେ ପୋଲିସ ପକ୍ଷରୁ ମିଥ୍ୟା ମାମଲା ରୁଜୁ କରାଯାଇଛି। ଏ ନେଇ ହାଟସାହି ଶାଖା ପ୍ରଗତିଶୀଳ ମହିଳା ସମିତି ପକ୍ଷରୁ ଆସନ୍ତା ୧୪ ତାରିଖ ବିଶ୍ୱ ମାତୃ ଦିବସ ପାଳନ ଅବସରରେ କଣ୍ଡିଆ ଫାଣ୍ଡି ଘେରାଉ କରାଯିବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ରାଜକନିକାର ବ୍ଲକ, ତହସିଲ ଓ ଥାନା ପ୍ରଶାସନଙ୍କୁ ମଧ୍ୟ ଲିଖିତ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ମହିଳା ସମିତି ପକ୍ଷରୁ କୁହାଯାଉଛି ସରପଞ୍ଚ ଦାସଙ୍କ ବିରୋଧରେ ସମ୍ପୂର୍ଣ୍ଣ ମିଥ୍ୟା ମାମଲା, କପୋଳ କଳ୍ପିତ, ମନଗଢା କାଳ୍ପନିକ ନାଟକ ରଚନା କରାଯାଇଛି। ପୋଲିସ୍ ବିନା ତଦନ୍ତ ଫାଣ୍ଡିରେ ବସି କେମିତି ଜଣେ ମହିଳାଙ୍କ ନାମରେ ମାମଲା ରୁଜୁ କରାଯାଇଛି। ମହିଳା ସମିତି ପକ୍ଷରୁ ଏହି ଘଟଣାକୁ ତୀବ୍ର ବିରୋଧ କରିବା ସହ ନିନ୍ଦା କରାଯାଇ ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପ୍ରଗତିଶୀଳ ମହିଳା ସମିତିର ଶତାଧିକ ମହିଳାଙ୍କ ସମେତ ପଞ୍ଚାୟତର ମହିଳାମାନେ କଣ୍ଡିଆ ଫାଣ୍ଡି ଘେରାଉ କରିବେ ବୋଲି ସଭାନେତ୍ରୀ ସରୋଜିନୀ ବିଶ୍ୱାଳ ଓ ସମ୍ପାଦିକା ଝରଣା ରାଉତ ଚେତାବନୀ ଦେଇଛନ୍ତି।

# ନଳିତାପାଟିଆ, ଶାରଦାପ୍ରସାଦ ମୌଜାରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ


ପ୍ରଶାସନ ପକ୍ଷରୁ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଇଛି।

**ରାଜନଗର, ୧୨।୫(ଡି.ଏନ.ଏ.)**

ରାଜନଗର ତହସିଲ ପକ୍ଷରୁ ନଳିତାପାଟିଆ ଓ ଶାରଦାପ୍ରସାଦ ମୌଜାରେ ଶୁକ୍ରବାର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଇଛି। ନଳିତାପାଟିଆରୁ ତାଳଚୁଆ ମଧ୍ୟରେ ନଦୀକୂଳରେ ଘେରି ନ କରିବାକୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା। ଫେବୃୟାରୀ ୨୦ରେ ୧୮ଟି ଘେରିକୁ ନୋଟିସ ଦିଆଯାଇଥିଲା। ୧୫ଦିନ ମଧ୍ୟରେ ଘେରି ଉଠାଇ ନେବାକୁ କୁହାଯାଇଥିଲା। ମାତ୍ର ସେମାନେ ଘେରି ଭାଙ୍ଗିବା ପରିବର୍ତ୍ତେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଯାଆଁଳ ଛାଡି ଘେରି ଆରମ୍ଭ କରିଥିଲେ। ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସୱନ କୁମାର ଭୋଳ, ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଅନାମ ଚରଣ ନାୟକ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ସହ ପୋଲିସ ଟିମ୍ ପହଞ୍ଚି ବେଆଇନ ଘେରି ଉଚ୍ଛେଦ କରିଥିଲେ। ଶୁକ୍ରବାର ୧୦ଟି ଘେରି ଉଚ୍ଛେଦ କରାଯାଇଛି। ଖୁବ୍‌ଶୀଘ୍ର ଅନ୍ୟ ବେଆଇନ ଘେରିଗୁଡ଼ିକ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଭୂୟାଁ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀବରାହ ହାଇସ୍କୁଲ, ମା'ନଉଲ କୁମାରୀ କ୍ରିକେଟ ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ଯଶୋଦା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ରାଜନଗର, ୧୨।୫(ଡି.ଏନ.ଏ.)**

ରାଜନଗର ବ୍ଲକ ହାଇସ୍କୁଲ ପଡ଼ିଆଠାରେ ମା'ତାରିଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ଯଶୋଦା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୧୭ ବର୍ଷରୁ କମ୍ କ୍ରିକେଟ ଫାଇନାଲ ମ୍ୟାଚରେ ହାତିନା ଲକ୍ଷ୍ମୀ ବରାହ ହାଇସ୍କୁଲ ଓ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମୀ ବରାହ ହାଇସ୍କୁଲ ଶ୍ରୀଜଗନ୍ନାଥ ହାଇସ୍କୁଲକୁ ୨୦ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ତୁଷାରକାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ ଓ ତେଜେଶ୍ୱର ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ସେହିପରି ସିନିୟର ଗ୍ରୁପ ଫାଇନାଲ ମ୍ୟାଚରେ ବ୍ରାହ୍ମଣୀ କୋହ୍ଲା ମା'ନଉଲକୁମାରୀ କ୍ରିକେଟ ଟିମ ଏବଂ କେରେଡ଼ାଗଡ଼ ବାବା ବରୁଣେଶ୍ୱର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାବା ବରୁଣେଶ୍ୱର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯୩ ରନ ସଂଗ୍ରହ କରିଥିଲା। ଜବାବରେ ମା'ନଉଲ କୁମାରୀ କ୍ରିକେଟ ଟିମ୍ ୬ ଉଇକେଟ ହରାଇ ୯୪ ରନ୍ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଅଲରାଉଣ୍ଡର ଗୋପଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ବାସୁଦେବ ସାହୁ, ବିରଞ୍ଚି ପରିଡା ପରିଚାଳନା କରିଥିବା ବେଳେ ତାରିଣୀ କ୍ରିକେଟ କ୍ଲବର ଅଶୋକ କୁମାର ଦାସ, ଶୁଭମ କୁମାର ଦାସ, ବିଶିକେଶନ ସେଠୀ, ଅଜୟ ଶର୍ମା, ଅଶୋକ ମହାରଣା, ମାନସ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନର ବାର୍ଷିକ ଉତ୍ସବ

**ରାଜନଗର, ୧୨।୫ (ଡି.ଏନ.ଏ.)**

ଭୀମରାଓ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ସ୍ଥାପନର ବାର୍ଷିକ ଉତ୍ସବ ରାଜନଗର ତହସିଲ ପରିସରରେ ଆୟୋଜିତ ହୋଇଯାଇଛି। ଲୋହିଆ ବିଚାର ମଞ୍ଚର ପଟ୍ଟାମୁଣ୍ଡାଇ ଶାଖା ସଂଘର ସଭାପତି ବାରେଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଭାରତରତ୍ନ ଡ. ଆମ୍ବେଡ଼କରଙ୍କ ଜୀବନ ଦର୍ଶନ ଉପରେ ମତ ରଖିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଆମ୍ବେଡ଼କର ଲୋହିଆ ବିଚାର ମଞ୍ଚର ରାଜ୍ୟ ସଭାପତି ସଂଗ୍ରାମ କେଶରୀ ମଲ୍ଲିକ ଯୋଗଦେଇ ସମତାର ବାର୍ତ୍ତା ବହନ କରି ଉଚ୍ଚ ନୀଚ ଭେଦଭାବ ଦୂର କରି ସମାଜ ଗଠନ କରିବାକୁ ଆମ୍ବେଡ଼କରଙ୍କ ଜୀବନ ଆମ ସମାଜକୁ ପ୍ରଭାବିତ କରିଛି। ସମାଜର ତଳସ୍ତରରେ ଥିବା ନିଷ୍ପେସିତମାନେ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବାରେ ସକ୍ଷମ ହୋଇପାରିଛନ୍ତି ବୋଲି କହିଥିଲେ। ରାଜନଗର ବ୍ଲକ ଲୋହିଆ ବିଚାର ମଞ୍ଚର ମହିଳା ଶାଖା ସଭାପତି ପ୍ରମିଳା ସେଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଅଧ୍ୟାପିକା ଭଗବତୀ ରାଉତ, ଅଭିମନ୍ୟୁ ସେଠୀ, ଦିଲୀପ ମଲ୍ଲିକ, ଦୁଷ୍ମନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ପାରାଦୀପ ବନ୍ଦର ଚିକିତ୍ସାଳୟର ନର୍ସମାନେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରୁଛନ୍ତି।

**ପାରାଦୀପ,୧୨।୫ (ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଚିକିତ୍ସାଳୟରେ ଶୁକ୍ରବାର ଆନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗତ କୋଭିଡ୍ ସମୟରେ ପରଲୋକ ହୋଇଥିବା ନର୍ସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସିଏମଓ ଡାକ୍ତର ବିଭୂତି ଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ନର୍ସମାନେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ମେଡିକାଲରେ ଡାକ୍ତର ରୋଗ ନିରାକରଣ ପାଇଁ ପରାମର୍ଶ ଦେଇଥାନ୍ତି କିନ୍ତୁ ଅସଲ ଭୂମିକା ନର୍ସମାନେ ନେଇଥାନ୍ତି। ସମୟାନୁସାରେ ଔଷଧ ଦେବା ଏବଂ ସେବା ମନୋଭାବ ରୋଗୀଙ୍କୁ ଅନେକ ସମୟରେ ଉପଶମ କରିଥାଏ ବୋଲି ଡାକ୍ତର ଦାସ କହିଥିଲେ।

# ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

**ଆଳି,୧୨।୫ (ଡି.ଏନ.ଏ.)**

କଟକ-ଚାନ୍ଦବାଲି ପୂର୍ତ୍ତ ବିଭାଗ ରାସ୍ତାଠାରୁ ବାଳକାଟି ପଞ୍ଚାୟତ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପ ଶୁକ୍ରବାର ସନ୍ଧ୍ୟାରେ ଶକ୍ତି, ଶିଳ୍ପ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ଦେବ ପଦଯାତ୍ରାରେ ଯାଇ ବାଳକାଟି ପଞ୍ଚାୟତର ରାଣୀପୋଖରୀ, ବାଳକାଟି ଓ ନାଗପଡ଼ା ଗ୍ରାମବାସୀ ଖରସ୍ରୋତା ନଦୀ କୂଳରେ ବସବାସ କରୁଥିବା ବେଳେ ଏହି ରାସ୍ତା ଉପରେ ସେମାନେ ନିର୍ଭର କରିଥାନ୍ତି ବୋଲି କହିଥିଲେ। ଗ୍ରାମବାସୀ ଦୀର୍ଘଦିନ ହେବ ଆଲୋକୀକରଣ ନିମନ୍ତେ ଦାବି କରି ଆସୁଥିବା ବେଳେ ବେଦାନ୍ତ ପକ୍ଷରୁ ୩୭ ଲକ୍ଷ ଟଙ୍କା ବ୍ୟୟରେ ଏହି ଆଲୋକୀକରଣ ପ୍ରକଳ୍ପ କରାଯାଇଛି। ଫଳରେ ରାଣୀପୋଖରୀ, ନାଗପଡ଼ା ଓ ବାଳକାଟି ଗ୍ରାମବାସୀ ଉପକୃତ ହେବେ। ଏହି ଉତ୍ସବରେ ମୁଖ୍ୟଅତିଥି ମନ୍ତ୍ରୀ ଦେବଙ୍କ ସମେତ ସମ୍ମାନୀୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷା ମିନତି ବାରିକ, ଜିଲା ପରିଷଦ ସଭ୍ୟ ଜୟରାମ ସାହୁ, ବାଳକାଟି ସରପଞ୍ଚ ସୁକାନ୍ତି ପରିଡା ଓ ସମିତିସଭ୍ୟ ବିପିନ ବିହାରୀ ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଭୀଷ୍ମ ମହାନ୍ତି, କଣ୍ଟିପୁର ସମବାୟ ସଭାପତି ଦିବାକର ନାୟକ, ସରପଞ୍ଚ ପ୍ରତିନିଧି ନବକିଶୋର ପରିଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଆଲୋକୀକରଣ ପ୍ରକଳ୍ପକୁ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ଉଦ୍‌ଘାଟନ କରୁଛନ୍ତି।

# ଦଳକୁ ଅଧିକ ମଜଭୁତ କରିବାକୁ ଆହ୍ୱାନ


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବିଜେଡି ନେତୃମଣ୍ଡଳୀ ଓ କର୍ମକର୍ତ୍ତାମାନେ।

## ବିଜେଡି କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିର

**ଜଗତସିଂହପୁର ଅଫିସ, ୧୨।୫**

ବିଜେଡି ମଜଭୁତ ଅଛି। ଏହାକୁ ଆହୁରି ଶକ୍ତିଶାଳୀ କରିବାକୁ ପଡ଼ିବ। ଏହା କେବଳ କଠିନ ପରିଶ୍ରମ ଦ୍ୱାରା ସମ୍ଭବ। ପରସ୍ପର ମିଳିତ ଭାବେ କାମ କଲେ ସଙ୍ଗଠନ ଆଗକୁ ବଢ଼ିବ। ୨୦୨୪ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠା ଟାଣ କରିହେବ। ଶୁକ୍ରବାର ବିଜେଡି ପକ୍ଷରୁ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆୟୋଜିତ କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିରରେ ଦଳ ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ଏହା କହିଛନ୍ତି। ଶିବିରରେ ଦଳ ଜିଲା ସଭାପତି, ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ପୌରୋହିତ୍ୟ କରି କହିଥିଲେ, ଦଳକୁ କ୍ରିୟାଶୀଳ କରିବା ପାଇଁ ଏହି ଶିବିର ବେଶ୍ ସହାୟକ ହୋଇଛି। ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭାପତିଙ୍କ ସମେତ ଦଳର ବିଭିନ୍ନ ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କୁ ନେଇ ଏହି ଶିବିର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ଏମ୍‌ପି କୁଳମଣି ସାମଲ, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ର, ଜିଲା ବିଜେଡି କୃଷକ ସେଲ୍ ସଭାପତି ପ୍ରକାଶ ବଢ଼ିଆ, ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ଜିଲା ଛାତ୍ର ସଭାପତି ଇଂ.ସମିତ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବନ୍ଧୁକ ଲାଇସେନ୍ସ କରାଇଦେବା ନାମରେ ଠକେଇ, ଜଣେ ଗିରଫ

ପୁରୁଷୋତ୍ତମପୁର, ୧୨।୫(ଡି.ଏନ୍.ଏ.): ବନ୍ଧୁକ ଲାଇସେନ୍ସ କରାଇଦେବାକୁ କହି ଦୁଇ ଜଣ ବ୍ୟକ୍ତିଙ୍କ ଠାରୁ ୧ଲକ୍ଷ ୪୬ ହଜାର ଟଙ୍କା ଠକିନେଇଥିବା ଅଭିଯୋଗରେ ପୁରୁଷୋତ୍ତମପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଗଞ୍ଜାମ ଏସପି ଜଗନ ମୋହନ ମିନା ଶୁକ୍ରବାର ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଭୀମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ। ଗତ ୨୦୨୨ ସେପ୍ଟେମ୍ବର ୧୮ହରେ ପୁରୁଷୋତ୍ତମପୁର ଥାନା ଦେଉଳପଲୀର ରାକେଶ ମୁନୀଙ୍କ ଠାରୁ ବନ୍ଧୁକ ଲାଇସେନ୍ସ କରାଇଦେବା ଲାଗି ୬୫ ହଜାର ଟଙ୍କା ନେଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଲାଇସେନ୍ସ କରାଇ ନ ଥିଲେ। ଏ ନେଇ ସେ ଜାନୁଆରୀ ୮ରେ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତଳା ଗ୍ରାମର ସୁରେଶ କୁମାର ନନ୍ଦଙ୍କ ଠାରୁ ମଧ୍ୟ ୮୧ ହଜାର ଟଙ୍କା ଠକି ନେଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତ ପୂର୍ଣଚନ୍ଦ୍ରଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଆସିକା ୧୨।୫ (ଡି.ଏନ୍.ଏ) ଗାଙ୍ଗପୁର ଥାନା ଅନ୍ତର୍ଗତ ବଡବୋରସିଙ୍ଗି ଗ୍ରାମରୁ ଶୁକ୍ରବାର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ସେହି ଗ୍ରାମର କବି ଭୋଳ । ୨୦୧୩ରେ ଅଭିଯୁକ୍ତ ଜଣକ ଏକ ହତ୍ୟା ଉଦ୍ୟମ ମାମଲାରେ ସଂପୃକ୍ତ ଥିଲେ। ତେବେ ଅଦାଲତରେ ହାଜର ହେଉନଥିବାରୁ ଅଦାଲତ ପକ୍ଷରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜାରି କରାଯାଇଥିବା ୱାରେଣ୍ଟ ବଳରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି

### ଗୋଷ୍ଠୀ ସଂଘର୍ଷ ମାମଲା: ଜଣେ ଗିରଫ

ଦିଗପହଣ୍ଡି,୧୨।୫(ଡି.ଏନ.ଏ.)– ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ଗ୍ରାମରେ ଠାକୁରାଣୀ ଯାତ୍ରା ଅବସରରେ ଗତ ମଙ୍ଗଳବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମୟରେ ସଂଘଟିତ ଗୋଷ୍ଠୀ ସଂଘର୍ଷ ମାମଲାରେ କେ. ନୂଆଗାଁ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେ ହେଲେ ବମକୋଇ ଗ୍ରାମର ଶ୍ରୀକାନ୍ତ ପ୍ରଧାନ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି।

# ଶିକ୍ଷକଙ୍କ ପଦୋନ୍ନତିରେ ନିୟମକୁ ଅଣଦେଖା ଅଭିଯୋଗ

## ଜିଲାପାଳଙ୍କୁ ଭେଟିଲେ ପ୍ରାଥମିକ ଶିକ୍ଷକ

ଫୁଲବାଣୀ ଅଫିସ, ୧୨।୫:

କନ୍ଧମାଳ ଜିଲାରେ ଶିକ୍ଷକଙ୍କ ପଦୋନ୍ନତିରେ ଦୁର୍ନୀତିର ଗନ୍ଧ ବାରିହୋଇଛି। ପ୍ରାଥମିକ ଶିକ୍ଷକ (ପ୍ରାଇମେରୀ ଟିଚର) ଲେଭେଲ ୪ରୁ ଲେଭେଲ ୩କୁ ପଦୋନ୍ନତିରେ ଥିବା ୨୦୧୯ ଶିକ୍ଷା ନିୟମକୁ ଅଣଦେଖା କରାଯାଇଛି । ଜିଲା ଶିକ୍ଷାଧିକାରୀ ଏହି କାର୍ଯ୍ୟରେ ଖୋଦ ସମ୍ପୃକ୍ତ ଅଛନ୍ତି । ଉପଯୁକ୍ତ ନିୟମକୁ ପାଳନ ନ କରି ସେ କିଛି ଶିକ୍ଷକଙ୍କୁ ଏହି ପଦୋନ୍ନତୀ ଦେବାକୁ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ଏହାର ତଦନ୍ତର ଆବଶ୍ୟକତା ଅଛି ବୋଲି ଶୁକ୍ରବାର ଜିଲା ପ୍ରାଥମିକ ଶିକ୍ଷକମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ୧୦ ତାରିଖରେ ଜିଲା ଶିକ୍ଷାଧିକାରୀ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଲେଭେଲ ୪ ପ୍ରାଥମିକ ଶିକ୍ଷକରୁ ଲେଭେଲ ୩କୁ ପଦୋନ୍ନତୀ ପାଇଁ ଏକ କାଉନସେଲିଂ ନିମନ୍ତେ ୨୩ ତାରିଖକୁ ଚିଠି ନଂ ୪୦୪୮ରେ ଦିନ ଧାର୍ଯ୍ୟ କରିଛନ୍ତି । କିନ୍ତୁ ଏହି ବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି, ପୂର୍ବ ବୃତ୍ତାନ୍ତ ଗ୍ରେଡେସନ ଲିଷ୍ଟରେ ଭୁଲ ରହିଥିବା ନେଇ ଆମେ ଅବଗତ କରିଛୁ । ଅନେକ ଶିକ୍ଷକ ଏହି ପଦୋନ୍ନତି ପାଇଁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଅର୍ଜନ କରିଛନ୍ତି ।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ।

ହେଲେ ସେମାନେ ଚାକିରୀ(କାର୍ଯ୍ୟରେ) ଥାଇ ଶିକ୍ଷା ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ବିନା ଅନୁମତିରେ ଏହି ଯୋଗ୍ୟତା ହାସଲ କରିଛନ୍ତି, ଯାହା ପ୍ରାଥମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନୋଟିଫିକେସନ ନଂ ୧୦୬୮୬ ତା ୬।୫।୨୦୨୩ରେ ଉଲ୍ଲେଖ ରହିଛି । କିନ୍ତୁ ଏହି ନିର୍ଦ୍ଦେଶକୁ ଜିଲା ଶିକ୍ଷାଧିକାରୀ ମାନି ନାହାନ୍ତି । ଯେଉଁମାନଙ୍କୁ ନିୟମ ବହିର୍ଭୂତ ଭାବେ ପଦୋନ୍ନତୀ ପାଇଁ ବଛାଯାଇଛି, ସେମାନଙ୍କୁ ବୃତ୍ତାନ୍ତ ଗ୍ରେଡେସନ ଲିଷ୍ଟରେ ନ ରଖିବାକୁ ଆମେ ଦାବି କରିଛୁ । ଜିଲା ଶିକ୍ଷାଧିକାରୀ ସମସ୍ତ ନିୟମ ଉଲ୍ଲଂଘନ କରି ପୂର୍ବ ଗ୍ରେଡେସନ ଲିଷ୍ଟକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଛନ୍ତି । ଏଥିରେ ସମ୍ପୂର୍ଣ୍ଣ ଭାବେ ଦୁର୍ନୀତି କରାଯାଇଛି, ଯେଉଁଠି ଅନ୍ୟ ଜିଲାର ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହି ଘଟଣାରେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ତିଆରି ହୋଇଥିବା ଶିକ୍ଷକଙ୍କ ତାଲିକାର ତଦନ୍ତ କରିବା ସହ ଉପଯୁକ୍ତ ଯୋଗ୍ୟତା ଥିବା ଶିକ୍ଷକଙ୍କ ପଦୋନ୍ନତୀ ପାଇଁ ଏକ ନୂଆ ତାଲିକା ତିଆରି କରିବାକୁ ଶିକ୍ଷକ ବିରେନ୍ଦ୍ର କୁମାର ଦିଗାଲ, ଅଞ୍ଜନ କୁମାର ନାୟକ, ଦେବେନ୍ଦ୍ର ବେହେରା, ଅଜୟ କିଶୋର ଭଞ୍ଜ, ଉଷାରାଣୀ ମିଶ୍ର, ଦୁତିକୃଷ୍ଣ ପଣ୍ଡାଙ୍କ ସହ ଅନ୍ୟମାନେ ପ୍ରକାଶ କରିଛନ୍ତି । ଏ ନେଇ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀଙ୍କୁ ପଚାରିବାରୁ ଯେତେ ବେଳେ ଆମେ ଲିଷ୍ଟ କରିଥିଲୁ ସେତେବେଳେ ବିଇଓଙ୍କୁ କହିଥିଲୁ । ସେମାନେ ସେତେବେଳେ ଅଭିଯୋଗ କରିବା କଥା । ଯଦି ଏବେ କହନ୍ତେ ତାହାଲେ ସେହି ଶିକ୍ଷକମାନଙ୍କ ନାଁ କୁହନ୍ତୁ । ଆମେ ସେମାନଙ୍କ ନାଁ କାଟିବାକୁ ନିର୍ଦ୍ଦେଶକଙ୍କୁ କହିବୁ ବୋଲି ପ୍ରକାଶ କରିଛନ୍ତି।

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସହ ୨ ଜଣଙ୍କୁ ଜେଲ

## ସରକାରୀ ଅର୍ଥ ଆତ୍ମସାତ ମାମଲା

ଫୁଲବାଣୀ ଅଫିସ,୧୨।୫

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିକାସ ବେହେରା ଏହି ଘଟଣାରେ ସମ୍ପୃକ୍ତ ଜଣେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସମେତ ୨ ଜଣଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଏହା ଅନାଦେୟ ସେମାନଙ୍କୁ ଅଧିକ ୬ ମାସ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଖଜୁରିପଡ଼ା ବ୍ଲକ ଘଟିତଳ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ କିଶୋର କୁମାର ଦାସ, ସର୍ବଶିକ୍ଷା ଅଭିଯାନର ବୈଷୟିକ ପରାମର୍ଶଦାତା ପୃଥ୍ୱୀରାଜ ଲେଙ୍କା ଓ ବିଦ୍ୟାଳୟ କମିଟି ସଭାପତି ସୁବୀନ୍ଦ୍ର କହଁର।

୨୦୧୪ରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୯ ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥରୁ ୮ ଲକ୍ଷ ୯୬ ହଜାର ଟଙ୍କା ଉଠାଯାଇଥିଲା। ହେଲେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ଅଭିଯୁକ୍ତମାନେ କାମ ନ କରି ଏହି ଅର୍ଥ ହଡ଼ପ କରିବା ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଡିଏସ୍‌ପି ହରେକୃଷ୍ଣ ବେହେରା ଏହାର ତଦନ୍ତ କରିଥିଲେ । ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୩/୧୪ ରେ ଏକ ମାମଲା ରୁଜୁ କରାଯାଇଥିଲା। ମୋଟ ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ବିଦାୟ ସମ୍ବର୍ଦ୍ଧନା ଉତ୍ସବ


କାର୍ଯ୍ୟକ୍ରମରେ ବିଦାୟୀ ଛାତ୍ରୀଛାତ୍ର ।

ଆସିକା, ୧୨।୫ (ଡି.ଏନ୍.ଏ): ଆସିକା ବ୍ଲକ୍ ଅନ୍ତର୍ଗତ କେନ୍ଦୁପଦରସ୍ଥିତ ଏନବିନସି କଲେଜ ପରିସରରେ ଶୁକ୍ରବାର ଉଭିଦ ବିଜ୍ଞାନ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ସୁରେନ୍ଦ୍ର ନାଥ ସାବତ ଅଧକ୍ଷତା କରିଥିଲେ। ଉଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ସଂଗ୍ରାମ କୁମାର ପଣ୍ଡା, ଅଧ୍ୟାପକ ଅଜିତ କୁମାର ମହାପାତ୍ର, ଅଧ୍ୟାପିକା ଜସ୍ମିନା ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।

# ମହାନଦୀ ମେଗା ପାନୀୟ ଜଳ ପ୍ରକଳ୍ପ

## ୨୫୩ ପଞ୍ଚାୟତ,୩ ଏନ୍‌ଏସି ପାଇଁ ୧୯୭୦ କୋଟି ଖର୍ଚ୍ଚ ହେବ

ଭଞ୍ଜନଗର,୧୨।୫(ଡି.ଏନ.ଏ):

୨୦୨୪ ସୁଧା ରାଜ୍ୟର ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ୪୦ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ୧୧ଟି ବ୍ଲକ ଏବଂ ୩ଟି ଏନ୍‌ଏସିରେ ବସବାସ କରୁଥିବା ଲୋକଙ୍କୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ମହାନଦୀ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏ ବାବଦରେ ୧୯୭୩ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ତାହା ହେଉଛି। କିଛିଦିନ ପୂର୍ବେ ଟେଣ୍ଡର ଖୋଲିଥିବା ବେଳେ ଏଲ୍‌ଆଣ୍ଡଟି କମ୍ପାନି ତାହାର ଦାୟିତ୍ୱ ନେଇଛି । ତେଣୁ କମ୍ପାନୀ ପକ୍ଷରୁ ପୁନଃ ସର୍ଭେ କାର୍ଯ୍ୟ ବର୍ତ୍ତମାନ ଚାଲିଛି। ଏହାପରେ କାମ ଆରମ୍ଭ ହେବ। ପ୍ରକଳ୍ପ କାମ ୨ବର୍ଷ ମଧ୍ୟରେ ସରିବା ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବେଲଗୁଣ୍ଠା ବ୍ଲକ ଓ ଏନ୍‌ଏସି, ବୁଗୁଡ଼ା ବ୍ଲକ ଓ ଏନ୍‌ଏସି, ପୋଲସରା ବ୍ଲକ ଓ ଏନ୍‌ଏସି ଏବଂ ଭଞ୍ଜନଗର, ଜଗନ୍ନାଥପ୍ରସାଦ, ପୁରୁଷୋତ୍ତମପୁର, ସୋରଡ଼ା, ଆସିକା, ଧରାକୋଟ, କବିସୂର୍ଯ୍ୟନଗର ବ୍ଲକ ଓ ବେଗୁନିଆପଡ଼ା ବ୍ଲକର ଦୁଇ ଗ୍ରାମବାସୀ ସୁବିଧା ପାଇବେ। ୨୫୩ଟି ପଞ୍ଚାୟତରେ ଗୋଟିଏ ଲେଖାଏଁ ପମ୍ପ ଏବଂ ଗୋଟିଏ ଓଭର ହେଡ୍ ପାଣି ଟାଙ୍କି ରହିବ । ବର୍ତ୍ତମାନ ୧ଲକ୍ଷ ୯୮ ହଜାରରୁ ଉର୍ଦ୍ଧ୍ୱ ଘର ଥିବାବେଳେ ସେଥିମଧ୍ୟରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ବର୍ତ୍ତମାନ ୬୦ ପ୍ରତିଶତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ପାଇପ ଯୋଗେ ପାଣି ଯୋଗାଣ ହେଉଛି। ବଳକା ଲୋକଙ୍କୁ ମେଗା ପ୍ରକଳ୍ପ ହେବାପରେ ପାଣି ଯୋଗାଣ ହେବ। ନୟାଗଡ଼ ଜିଲା ଦଶପଲ୍ଲା ନିକଟସ୍ଥ ଗଣିଆ ଛାମୁଣ୍ଡିଆ ଠାରୁ ମହାନଦୀରୁ ପାଇପ ଯୋଗେ ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ଠାରେ ହେବାକୁ ଥିବା ବିରାଟ ସମ୍ପକୁ ପାଣି ଅଣାଯିବ। ସେଠାରେ ପାଣିକୁ ବିଶୋଧନ କରି ସମସ୍ତ ଅଞ୍ଚଳକୁ ଛଡ଼ାଯିବ। ତେଣୁ ଗାୟଗଣ୍ଡାଠାରେ ୧୬ ଏକର ଜମି ନିଆଯାଇଛି। ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ସମ୍ପ ନିର୍ମାଣ ପାଇଁ ମଧ୍ୟ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ବାରମ୍ବାର ଅନୁଧ୍ୟାନ କରୁଛନ୍ତି। ଏନେଇ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧିକ୍ଷଣଯନ୍ତ୍ରୀ ସରୋଜ କୁମାର କର କହିଛନ୍ତି, କମ୍ପାନୀ ସର୍ଭେ ଆରମ୍ଭ କରିଛି। ଆଗାମୀ ଦିନରେ ଲୋକେ ତାହାର ସୁଫଳ ପାଇବେ। ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ସେବା ନାହିଁ ସେଠି ସୋଲାର ବିଦ୍ୟୁତ୍ ମାଧ୍ୟମରେ ପାଣି ଯୋଗାଣ ହେବ।

## ବଦଳିଲେ ୩ ମଣ୍ଡଳ ଭାଜପା ସଭାପତି

ଛତ୍ରପୁର,୧୨।୫ (ଡି.ଏନ୍.ଏ.):

ଛତ୍ରପୁର ନିର୍ବାଚନ ମଣ୍ଡଳୀର ଗଞ୍ଜାମ ଏନଏସି, ଟାଙ୍ଗଣାପଲ୍ଲୀ ଓ କଣମଣା ମଣ୍ଡଳ ଭାଜପା ସଭାପତି ପରିବର୍ତ୍ତନ କରାଯାଇଛି। ଗଞ୍ଜାମ ଏନ୍‌ଏସିର ମଣ୍ଡଳ ସଭାପତି ଭାବେ ଗୁରୁଚରଣ ରାଉଳ, ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ଭାବେ ସମ୍ପଦ ନାହକ ଓ କଣମଣା ମଣ୍ଡଳ ସଭାପତି ଭାବେ ଏନ ଦୀନବନ୍ଧୁଙ୍କୁ ଘୋଷଣା କରାଯାଇଛି। ଗଞ୍ଜାମ ଜିଲା ଭାଜପା ସଭାପତି ବିଭୁତି ଭୂଷଣ ଜେନା, ଛତ୍ରପୁର ନିର୍ବାଚନମଣ୍ଡଳୀ ନେତା ପ୍ରଶାନ୍ତ କୁମାର କର, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିବ ରାଉଳ, ବ୍ରହ୍ମପୁର ଲୋକସଭା ସଂଯୋଜକ ଡା. ସୁବାସ ସାହୁ, ଛତ୍ରପୁର ବିଧାନସଭା ସଂଯୋଜକ ବସନ୍ତ ବେହେରା, ରାଜ୍ୟ ହରିଜନ ମୋର୍ଚ୍ଚା ଉପସଭାପତି କୃଷ୍ଣଚନ୍ଦ୍ର ନାୟକ, ଜିଲା ସମ୍ପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ବି. ଶଙ୍କର ରେଡ୍ଡୀ, ଜିଲା ଓବିସି ମୋର୍ଚ୍ଚା ଉପ ସଭାପତି କେ. ଚନ୍ଦ୍ରଶେଖର ରେଡ୍ଡୀ, ଟାଙ୍ଗଣାପଲ୍ଲୀ ମଣ୍ଡଳ ସାଧାରଣ ସମ୍ପାଦକ ଅର୍ଜୁନ ବେହେରା ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ



ଶେରଗଡ,୧୨।୫ (ଡି.ଏନ.ଏ.): ଗତ ୭ ତାରିଖରେ ୫–ଟି ସଚିବ ଭି.କେ ପାଣ୍ଡିଆନ ଶେରଗଡ ଗସ୍ତ କରିଥିଲେ। ଏହି ସମୟରେ ସେ ଠୁରୁବୁରାଇ ହନୁମାନ ମନ୍ଦିର ଛକରେ ବହୁ ଲୋକଙ୍କୁ ଭେଟି ଥିଲେ। ୫–ଟି ସଚିବଙ୍କ ଗସ୍ତ ବେଳେ ଗୋଠଗାଁର ଦିବ୍ୟାଙ୍ଗ କବିରାଜ ବିଶ୍ୱାଳ ଗୋଟିଏ ଟ୍ରାଇ ସାଇକେଲ ପାଇଁ ଦରଖାସ୍ତ କରିଥିଲେ। ତାଙ୍କୁ ଶୀଘ୍ର ଟ୍ରାଇ ସାଇକେଲ ଦିଆଯିବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ରାତିରେ ସରକାର ପକ୍ଷରୁ ବିଡିଓ ଶିବାଶିଷ ବରାଳ, ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଗୋଠଗାଁରେ ପହଞ୍ଚି ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ, ସୁରେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତରେ ମୋଟର ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି।

# ପୋଖରୀ ପୁନରୁଦ୍ଧାର ପାଇଁ ଦାବିପତ୍ର

ଗଞ୍ଜାମ,୧୨।୫(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୭ ବାଲିସାହିରେ ଦୀର୍ଘ ବର୍ଷ ହେବ ପୋଖରୀର ପୁନଃ ଉଦ୍ଧାର ହୋଇନଥିବା ଅଭିଯୋଗ ହୋଇଛି। ଏନ୍‌ଏସି ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଛି ହେଲେ କୌଣସି ସୁଫଳ ମିଳିନି ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଗୁରୁବାର ଅପରାହ୍ନରେ ସାହି ବାସିନ୍ଦା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ଭେଟି ବର୍ଷା ଦିନ ପୂର୍ବରୁ ସାହିର ପୋଖରୀ ପୁନଃ ଉଦ୍ଧାର କରିବା ଲାଗି ପୁଣି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ସାହିରେ



ପ୍ରାୟ ଷାଠିଏରୁ ଉର୍ଦ୍ଧ୍ୱ ହରିଜନ ପରିବାର ବାସ କରୁଛନ୍ତି। ସେମାନେ ହରିଜନ ଜାତିର ହୋଇଥିବା ଯୋଗୁ ଅନ୍ୟ ଗାଁ ବା ସାହି ପୋଖରୀକୁ ଗାଧୋଇବାକୁ ଗଲେ ସେଠାରେ ଜାତିଆଣ ଭେଦ କଥା ଉଠୁଥିବା ଦାବି ପତ୍ରରେ ଉଲ୍ଲେଖ ରହିଛି। ଏଥିସହ ସାହି ବାରିପଟେ ଏକ ପୋଖରୀ ରହିଛି ଆଉ ତାହା ପ୍ରାୟ ଦଶ ବର୍ଷରୁ ଉର୍ଦ୍ଧ ହେବ ପାଣି ସୁଖି ଫାଟି ପଡି ରହିଛି। ଅନ୍ୟପଟେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେତିକି ସମୟ ପିଇବା ପାଣି ଛଡା ଯାଉଛି ସେଥିରୁ ପିଇବାକୁ ପାଣି ନିଅଣ୍ଟ ପଡୁଛି ଆଉ ଗାଧୋଇବୁ କେମିତି ବୋଲି ସାହି ବାସିନ୍ଦା ଦାବିପତ୍ରରେ ଦର୍ଶାଇଛନ୍ତି। ଦିନ ପୂର୍ବରୁ ଏହାକୁ ଖୋଳାଯାଇ ଏହାର ପୁନଃ ଉଦ୍ଧାର କରାଯାଉ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ବାଧ୍ୟ ହୋଇ ଆମେ ଆନ୍ଦୋଳନର ପନ୍ଥା ଗ୍ରହଣ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାହିର ସୁରେନ୍ଦ୍ର କୁମାର ନାୟକ, ସନ୍ତୋଷ ନାୟକ, ପ୍ରଶାନ୍ତ ନାୟକ, ବାବୁ ନାୟକ, ସୁକାନ୍ତି ନାୟକ, ସୁଜାତା ନାୟକ, ବାସନ୍ତୀ ନାୟକ, ଖୁନା ନାୟକ, ସନ୍ତୋଷୀ ନାୟକଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ସାହିବାସୀ ଉପସ୍ଥିତ ଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଛତ୍ରପୁର,୧୨।୫(ଡି.ଏନ୍.ଏ.): ଗଞ୍ଜାମ ବ୍ଲକ ମାଳି ଜଗନ୍ନାଥପୁର ଗାଁରେ ୨୦୧୮ ମେ' ୫ ତାରିଖରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ଛତ୍ରପୁର ଏଡିଜେ ମନୋରଞ୍ଜନ ଦାଶ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣଙ୍କ ହେଲେ ମାଳିଜଗନ୍ନାଥପୁର ଗାଁର ସୁଦର୍ଶନ ମହାପାତ୍ର ଓ ସେ ବିବାହିତ ବୋଲି ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଓକିଲ ଡମିନାଥ ସାହୁ ମାମଲା ପରିଚାଳନା କରୁଥିଲେ।

# ପଞ୍ଚାୟତ ସମିତି ବୈଠକ ହେଉ ନଥିବା ଅଭିଯୋଗ

ଗୋପାଳପୁର,୧୨।୫(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତ ସମିତି ପକ୍ଷରୁ ଦୀର୍ଘ ଏକ ବର୍ଷ ହେଲା ସମିତି ବୈଠକ ହୋଉନଥିବା ଅଭିଯୋଗ ନେଇ ଶୁକ୍ରବାର ବିଧାୟକ ପ୍ରତିନିଧିଙ୍କ ନେତୃତ୍ୱରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମିତି ଗଠନ ପରଠାରୁ ଦୀର୍ଘ ଏକ ବର୍ଷ ବିତିଯାଇଥିଲେ ମଧ୍ୟ କେବଳ ଗୋଟିଏ ବୈଠକ ଗତ ମେ ୫ ତାରିଖ ବ୍ୟତୀତ କୌଣସି ବୈଠକ ଅନୁଷ୍ଠିତ ହୋଇନାହିଁ। ଫଳରେ ଏହି ବ୍ଲକରେ ଲାଞ୍ଚ କାରବାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦଳୀୟ ଲୋକଙ୍କୁ ଅଗ୍ରାଧିକାର ଭାବେ ଘରଦେବା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଲୋକ ବଦଳରେ ମେଶିନ ଦ୍ୱାରା କାମ କରିବା ଓ ମିଛ ମାଷ୍ଟର ରୋଲ୍ ବାହାର କରି ସରକାରୀ ଅର୍ଥ ଲୁଟିବା, ବିଜେଡି ଦଳୀୟ ଲୋକଙ୍କୁ କାମ ଦେଇ ଅନୁକମ୍ପା ଦେଖାଇବା, ପାନୀୟଜଳ ଯୋଗାଣରେ ମିଥ୍ୟା ବିଲ୍ କରିବା ଓ ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟର ଗୁମର ଖୋଲିଯିବା ଭୟରେ ଏକ ବର୍ଷ ହେଲା ପଞ୍ଚାୟତ ସମିତି ବୈଠକ ଡକା ଯାଇନାହିଁ ବୋଲି ଅଭିଯୋଗ ପତ୍ରରେ ଉଲେଖ ରହିଛି। ଦାବି ପତ୍ର ପ୍ରଦାନର ୧୫ଦିନ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ଡକାଯାଉ ନଚେତ କ୍ରମାଗତ ଭାବରେ ତିନି ଗୋଟି ବୈଠକ ଡକା ଯାଇନଥିବାରୁ ଉକ୍ତ ସମିତି ପରିଷଦକୁ ତତ୍କାଳୀନ ଭଙ୍ଗ କରାଯାଇ ଆଗାମୀ ଦିନରେ ସାନିସମିତି ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଉ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆମ୍ଭେ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକ ଆପଣଙ୍କ କାର୍ଯ୍ୟାଳୟ ଆଗରେ ଅହିଂସା ମାର୍ଗରେ ଶାନ୍ତିପୂର୍ଣ୍ଣଭାବେ ଅଭିଯୋଗ କରି ଦାବି ହାସଲ କରିବା ପାଇଁ ଦାବିପତ୍ରରେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ସାହୁ, ଏନ.ଗଙ୍ଗା ଧର ପାତ୍ର, ପ୍ରତାପ ଚନ୍ଦ୍ର ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ବେହେରା, ସୁନୀଲ କୁମାର ବେହେରା, କେ. ହୃଷିକେଶ ରେଡ୍ଡୀ ଉପସ୍ଥିତ ଥିଲେ।

# ଖଡ଼ଗ ନଦୀରେ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଦାରିଙ୍ଗବାଡ଼ି,୧୨।୫(ଡି.ଏନ.ଏ)

ଦାରିଙ୍ଗବାଡ଼ିର ଖଡ଼ଗ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଟିଡିସିସିଓଏଲର ରାଜ୍ୟ ଉପାଧ୍ୟକ୍ଷ ଦିଲୀପ କୁମାର ପ୍ରଧାନ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା ଉପସ୍ଥିତ ଥିଲେ।

ଏକଦା ଖଡ଼ଗ ନଦୀ କହିଲେ ଲୋକଙ୍କ ଛାତି ଥରୁଥିଲା। ଉକ୍ତ ନଦୀ ବର୍ଷା ଦିନରେ


ଉପସ୍ଥିତ ବିଧାୟକଙ୍କ ସହ ଅନ୍ୟମାନେ।

ଏକାଧିକ ଲୋକ ଓ ଗୃହପାଳିତ ପ୍ରାଣୀଙ୍କ ଜୀବନ ନେଇଛି। ଛାତ୍ରୀଛାତ୍ରଙ୍କ ବର୍ଷା ଦିନରେ ବିଦ୍ୟାଳୟ ଯିବା ଏକ ପ୍ରକାର ଠପ ହୋଇଯାଏ। ଉକ୍ତ ଖଡ଼ଗ ନଦୀ ୫୯ନଂ ଜାତୀୟର ଲକଟି ଠାରୁ ତିଲୋରୀ ପଞ୍ଚାୟତକୁ ସଂଯୋଗ କରୁଛି ତେବେ ଦିର୍ଘ ବର୍ଷ ଧରି ଅଞ୍ଚଳବାସୀ ଖଡ଼ଗ ନଦୀରେ ପୋଲ ନିର୍ମାଣ ପାଇଁ ଦାବି କରୁଥିଲେ। ଜିଲା ପ୍ରଶାସନ ୨୦୧୪ରୁ ପ୍ରୟାସ କରିଥିଲେ ସୁଦ୍ଧା ଅନୁଦାନ ଆସିପାରିନଥିଲା। ଏବେ ବିଧାୟକ ଉକ୍ତ ପୋଲ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଜଣାଇବା ପରେ ବିଜୁ ସେତୁ ଯୋଜନାରେ

## ତିଲୋରୀ ଓ ବୁଡ଼ାଗୁଡାବାସୀଙ୍କ ସମସ୍ୟା ଦୂର ହେଲା

- ନଦୀରେ ଭାସିଥିଲେ ଏକାଧିକ ଲୋକ
- ସ୍ୱାଧୀନତାର ୭୬ ବର୍ଷ ପରେ ଲୋକଙ୍କ ଗୁହାରି ଶୁଣିଲେ ସରକାର

୫କୋଟି ୪୮ ଟଙ୍କା ଅନୁଦାନ ଆସିଛି । ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର କରାଯାଇଛି। ଏହି ପୋଲ କାର୍ଯ୍ୟ ୨୦୨୫ ସୁଦ୍ଧା ଶେଷ କରାଯାଇ ଲୋକାର୍ପଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବୁଡ଼ାଗୁଡାଠାରୁ ବୁରାଙ୍ଗିଆକୁ ସଂଯୋଗ କରୁଥିବା ୮ କି. ମି ରାସ୍ତା ସମ୍ପ୍ରସାରଣ କରାଯିବ । ସେଥିପାଇଁ ବିଧାୟକ ଏହାକୁ ମଧ୍ୟ ଭିତ୍ତି ପ୍ରସ୍ତର କରିଛନ୍ତି। ଏହି ରାସ୍ତା ପାହାଡ଼ ଉପରେ ଯାଇଥିବା ବେଳେ ପାଦ ଚଲା ରାସ୍ତା ରହିଥିଲା । ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସମ୍ପ୍ରସାରଣ ପାଇଁ ପ୍ରାୟ ୭ କୋଟି ଟଙ୍କା ଅନୁଦାନ ରହିଛି। ଆସନ୍ତା ଏକ ବର୍ଷ ମଧ୍ୟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ କହିଛନ୍ତି। ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଥିବାରୁ ବୁଡ଼ାଗୁଡା ସମେତ କୁକେରମାହା, ଡାଡେରମୁଣ୍ଡା, ବୁରାଙ୍ଗିଆବାସୀ ସ୍ଥାନୀୟ ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ବୁଡ଼ାଗୁଡ଼ାର ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ତାତୁରା ପ୍ରଧାନ, ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ ପରିଚାଳନା କରିଥିଲେ।

# ସିବିଏସ୍‌ଇ ପରୀକ୍ଷାରେ ଯାଜପୁର ଛାତ୍ରୀଛାତ୍ର ଆଗରେ


ହିମାଂଶୁ ଶେଖର ମହାନ୍ତି


ସତ୍ୟଜିତ କର


ଦୀପଙ୍କର ପଣ୍ଡା।


ଆଦିତି ପ୍ରିୟଦର୍ଶିନୀ ସାହାଣୀ

**ଯାଜପୁର ଟାଉନ,୧୨।୫(ଡି.ଏନ.ଏ.)**

ଶୁକ୍ରବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ୧୦ମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଯାଜପୁରସହର ଆପେକ୍ସ ଇଂଲିଶ ମିଡିୟମ୍ ସ୍କୁଲର ଶତ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୧୧୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ଆରିଶ୍ ଖାନ୍ ୯୭% ରଖିଥିବା ବେଳେ ୪ ଜଣ ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଯାଜପୁର ଟାଉନ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ୩୪ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ଜଣ ଶତକଡା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏହି ବିଦ୍ୟାଳୟର ଛାତ୍ର ସତ୍ୟଜିତ୍ କର ୯୭.୨ ପ୍ରତିଶତ ନମ୍ବର ରଖି ପ୍ରଥମ ଅଧିକାର କରିଥିବା ବେଳେ ହିମାଂଶୁ ଶେଖର ମହାନ୍ତି ୯୬.୮୦ , ଆଦିତି ପ୍ରିୟଦର୍ଶିନୀ ସାହାଣୀ ୯୫.୮୦, ଦୀପଙ୍କର ପଣ୍ଡା ୯୫.୬୦ ଏବଂ ଦିବ୍ୟଜିତ୍ ପଣ୍ଡା ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ଯାଜପୁରଟାଉନର ହାରୋ ପବ୍ଲିକ୍ ସ୍କୁଲର ୪୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ଏହି ବିଦ୍ୟାଳୟର ଗୁଲାମ୍ ଅହମ୍ମଦ ରଜା ୯୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୦ଜଣ ଛାତ୍ରୀଛାତ୍ର ୮୦ ରୁ ୯୦ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି।

## ଧର୍ମଶାଳାର ୨ ସ୍କୁଲରେ ପାସ ହାର ୯୮.୪ ପ୍ରତିଶତ

**ଧର୍ମଶାଳା,୧୨।୫(ଡି.ଏନ.ଏ.)**


ରୂପାଳୀ ଆଚାର୍ଯ୍ୟ।

ସିବିଏସଇ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ରାଜ୍ୟରେ ୯୩.୧୨ ପ୍ରତିଶତ ଛାତ୍ରୀଛାତଅ ପାସ କରିଥିବା ବେଳେ ଧର୍ମଶାଳାର ୨ ସ୍କୁଲରେ ୯୮.୪ ପ୍ରତିଶତ ପରୀକ୍ଷାର୍ଥୀ ପାସ କରିଛନ୍ତି । ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଧର୍ମଶାଳା ପବ୍ଲିକ ସ୍କୁଲର ସମୁଦାୟ ୧୨୩ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୨୩ଜଣ ୯୯ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି । ଧର୍ମଶାଳା ପବ୍ଲିକ ସ୍କୁଲର ମୋଟ ୫୩ଜଣ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ପାସ କରିଛନ୍ତି । ଏହି ସ୍କୁଲର ଛାତ୍ରୀ ବିଶ୍ୱରୁପା ରାଉତ ୯୪.୨ ପ୍ରତିଶତ ମାର୍କ ରଖିଥିବା ବେଳେ ଛାତ୍ର ପ୍ରଦୀପ କୁମାର ସିଂ ୯୨.୫ ପ୍ରତିଶତ ଓ ଛାତ୍ରୀ ଅନୁଷ୍କା ପତି ୯୨ ପ୍ରତିଶତ ମାର୍କ ରଖିଥିବା ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୦ ପରୀକ୍ଷାର୍ଥୀ ପାସ କରିଛନ୍ତି । ବିଦ୍ୟାଳୟର ରୂପାଲୀ ଆଚାର୍ଯ୍ୟ ୯୫.୮୦, ପ୍ରଦୀପ ନାରାୟଣ ସାହୁ ୯୫.୨୦ ଓ ଅନିଶା ପ୍ରଧାନ ୯୫ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାସ୍ ହାର ୯୫.୭

**କଳିଙ୍ଗନଗର,୧୨।୫(ଡି.ଏନ.ଏ.)**

ଦାନଗଦି ବ୍ଲକ ରାଣିପଡ଼ା ପଞ୍ଚାୟତ ଗହୀରପାଟୁଳିରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ସିବିଏସ୍‌ଇ ଦଶମ ଶ୍ରେଣୀପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏହି ବିଦ୍ୟାଳୟରେ ୯୫.୭ ପ୍ରତିଶତ ପାସ୍‌ହାର ରହିଛି । ବିଦ୍ୟାଳୟର ମୋଟ ୭୦ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ଛାତ୍ରୀ ଶୁଭ୍ରା ସାକମ୍ବରୀ ରାଉତ ୪୭୮ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ପ୍ରତୀକ୍ଷା ମହାପାତ୍ର ୭୭୫ ମାର୍କ ରଖି ଦ୍ୱିତୀୟ ସ୍ଥାନ ଏବଂ ବିଶ୍ୱପ୍ରକାଶ ନାୟକ ୪୭୦ ମାର୍କ ରଖି ୩ୟ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଦେଭ ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା

**ଯାଜପୁରରୋଡ୍,୧୨।୫(ଡି.ଏନ୍.ଏ.)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ)ର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ଏଥିରେ ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ କୁସୁନପୁରସ୍ଥିତ ଦେଭ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ଚଳିତବର୍ଷ ୧୮୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୫ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ ହୋଇଛନ୍ତି। ଦଶମ ଶ୍ରେଣୀରେ ୬୨ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୩୧ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଦ୍ୱାଦର୍ଶ ଶ୍ରେଣୀର ସାର୍ଥକ ସାହୁ ୯୮.୨% ନମ୍ବର ରଖିଥିବା ବେଳେ ଦଶମ ଶ୍ରେଣୀର ଅନିନ୍ଦ୍ୟ ପରାଶର ୯୮.୪% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ସ୍କୁଲର ଚେୟାରମ୍ୟାନ ବୁଦ୍ଧଦେବ ରାଉତ, ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଉପ ପ୍ରଧାନ ଆଚାର୍ଯ୍ୟ ଆର.ଏନ୍.ରୟତ ସିଂ,ଏକାଡେମିକ କୋର୍ଡିନେଟର ବଲବୀର ସିଂ ଓ ସୋନିଆ ବେଦୀଙ୍କ ସହ ସମସ୍ତ ଅଧାପିକା ଅଧାପକ, କର୍ମକର୍ତ୍ତା ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଶତପ୍ରତିଶତ ସଫଳତା ହାସଲ କଲା ଡିୟୁ ପବ୍ଲିକ ସ୍କୁଲ


ପାୟଲ ଧଳ


ତପସ୍ୱିନୀ ଦାସ

**ବଡ଼ଚଣା, ୧୨।୫ (ଡି.ଏନ.ଏ.)**

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଡ଼ିୟୁ ପବ୍ଲିକ ସ୍କୁଲ ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି । ପ୍ରତି ବର୍ଷ ପରି ଚଳିତବର୍ଷ ଏହି ସଫଳତା ଯୋଗୁ ଛାତ୍ରୀଛାତ୍ରୀ ଅଧାପକ ଓ ଅଧାପିକା ଓ ଅଭିଭାବକମାନଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଛି । ଚଳିତ ବର୍ଷ ମୋଟ ୪୧ଜଣ ଛାତ୍ରୀଛାତ୍ର ସିବିଏସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ । ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ପାଏଲ ଧଳ ୮୪% ଓ ତପସ୍ୱିନୀ ଦାସ ୮୩.୫% ନମ୍ବର ରଖି ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସ୍କୁଲର ଏହି ସଫଳତା ପାଇଁ ଅଧକ୍ଷା ସୁଜାତା ମହାପାତ୍ର, ନିର୍ଦ୍ଦେଶକ ଇଂ. ଧନେଶ୍ୱର ମହାପାତ୍ର, ଡ.ବିଶ୍ୱଜିତ୍ ମହାପାତ୍ର, ଅଧାପକ ରଞ୍ଜିତ ମହାପାତ୍ର ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ପିଲାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବିଦେଶକୁ ଚାକିରି କରିବାକୁ ଯାଇଥିବା ଯୁବକଙ୍କ ପତ୍ତା ମିଳୁନି, ୩ ଗିରଫ

**ଚଣ୍ଡିଖୋଲ,୧୨।୫(ଡି.ଏନ.ଏ.)**

ଜଣେ ଯୁବକଙ୍କୁ ମୋଟା ଅଙ୍କର ଦରମାରେ ଚାକିରି କରାଇ ଦେବାକୁ କହି ଘରୁ ଡାକିନେଲେ । ଏଥିପାଇଁ ୮୦ ହଜାର ଟଙ୍କା ବି ନେଲେ । ହେଲେ ଏବେ ସମ୍ପୃକ୍ତ ଯୁବକଙ୍କ କୌଣସି ପତ୍ତା ମିଳୁ ନାହିଁ । ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ପରେ ପୋଲିସ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ଏକ ଘଟଣା ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତାଲୁଆ ଗ୍ରାମର ବାଇଧର ଜେନାଙ୍କ ପୁଅ ଅନିଲ (୩୨)ଙ୍କୁ ସାଉଦି ଆରବରେ ଚାକିରି କରାଇ ଦେବାକୁ କହି ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ପ୍ରକାଶ ଲେଙ୍କା ଓ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଛୋଟି ଗ୍ରାମର ଭାଗବତ ସ୍ୱାଇଁ ୨୦୨୧ନଭେମ୍ବରରେ ଅନିଲଙ୍କ ପରିବାର ଲୋକଙ୍କଠାରୁ ୮୦ ହଜାର ଟଙ୍କା ନେଇଥିଲେ । ଏହାପରେ ସେମାନେ ଅନିଲଙ୍କୁ ସାଉଦି ଆରବର ସରଜାହା ସହରକୁ ପଠାଇଥିଲେ । ହେଲେ ୨୦୨୨ ଅକ୍ଟୋବରରୁ ପରିବାର ଲୋକଙ୍କ ସହ ଅନିଲଙ୍କ କୌଣସି ଯୋଗାଯୋଗ ହୋଇପାରିନାହିଁ । ତାଙ୍କ ମୋବାଇଲ ଫୋନ ବି ବନ୍ଦ ରହିଛି। ଏହାପରେ ପରିବାର ଲୋକେ ବିଭିନ୍ନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ ଅନିଲଙ୍କ କୌଣସି ପତ୍ତା ମିଳୁନାହିଁ। ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୬୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଅନିଲଙ୍କ କୌଣସି ଖୋଜ ଖବର ମିଳି ନ ଥିଲା । ତଦନ୍ତ ସମୟରେ ଭାରତ ସରକାରଙ୍କ ନିୟମ ଅନୁସାରେ ବିଦେଶ ଯିବାକୁ ଆବଶ୍ୟକ କାଗଜପତ୍ର ନ ଥାଇ ଅନିଲଙ୍କୁ କିପରି ସାଉଦି ଆରବ ପଠା ଯାଇଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଦେଶରେ ଚାକିରୀ ପାଇଁ ଭାରତ ସରକାରଙ୍କ ଦ୍ୱାରା ଅନୁମତି ପତ୍ର ମଧ ସେମାନଙ୍କ ନିକଟରେ ନ ଥିବା ପୋଲିସ ଜାଣିବାକୁ ପାଇଛି। ଏହା ପରେ ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରକାଶ, ଭାଗବତ ଙ୍କ ସମେତ ଢେଙ୍କାନାଳ ଜିଲା କାମାକ୍ଷା ନଗର ଅଞ୍ଚଳର ମନୋଜ ବରାଳ (୪୬)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମନୋଜ କଟକ ବାଦାମବାଡ଼ିସ୍ଥିତ ଏକ ସୋଲାର କମ୍ପାନୀରେ କର୍ମଚାରୀ ଭାବେ କାମ କରୁଥିବା ସୂଚନା ମିଳିଛି । ଗିରଫ ଯୁବକମାନେ ଅନ୍ୟ ଘଟଣାରେ ସମ୍ପୃକ୍ତ ଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

# ବେସାହାରା ୩ ଶିଶୁକନ୍ୟା

**କବାଟବନ୍ଧ,୧୨।୫(ଡି.ଏନ୍.ଏ.)**


ମା'ଙ୍କ ସହ ୩ ସନ୍ତାନ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ରଗଡ଼ିପଶି ଗ୍ରାମର ଏକ ଦଳିତ ପରିବାରର ୩ ଶିଶୁକନ୍ୟା ବେସାହାରା ହୋଇ ପଡିଛନ୍ତି। ସୂଚନା ଅନୁସାରେ ଗ୍ରାମର ରାଜୁ ନାୟକ (୪୨) ମଜୁରି କରି ପରିବାର ଚଳାଉଥିଲେ। ଚଢେଇଧରା ପାହାଡ଼ରେ ଥିବା କଳାପଥର ଖାଦାନରେ କମ୍ପ୍ରେସର ବୋରିଂ କରି ଯାହା ପାଉଥିଲେ ୫ ପ୍ରାଣୀ କୁଟୁମ୍ବ ଚଳିଯାଉଥିଲେ। ଆଜକୁ ପ୍ରାୟ ଏକ ବର୍ଷ ତଳେ ତାଙ୍କର ଛାତି ଯନ୍ତ୍ରଣା ହୋଇଥିଲା। ଅର୍ଥାଭାବରୁ ସେ ଭଲ ଭାବରେ ଚିକିତ୍ସା ସେବା ପାଇ ପାରି ନଥିଲେ। ଶେଷରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଫଳରେ ରାଜୁଙ୍କ ସ୍ତ୍ରୀ ରୀନା ଏବଂ ତାଙ୍କର ୩ , ୫ ଓ ୭ ବର୍ଷର ତିନି ଝିଅ ଅସହାୟ ହୋଇପଡ଼ିଛନ୍ତି। ରୋଜଗାର ବୋଲି କିଛି ନାହିଁ। ରୀନା ପରଘରେ ବାସନ ମାଜି ଚଳୁଛନ୍ତି। ସରକାରୀସ୍ତରରେ ତାଙ୍କୁ ଏଯାଏ ବିଧବା ଭତ୍ତା ମିଳି ପାରିଲା ନାହିଁ। ରୀନାଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇ ଦେବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ସିବିଏସ୍‌ଇ ଦଶମରେ ମେହୁଲ ଜଗତ୍‌ସିଂହପୁର ଜିଲା ଟପ୍ପର

**ଜଗତ୍‌ସିଂହପୁର ଅଫିସ, ୧୨।୫**


ମେହୁଲ ଜେନା


ଆର୍ଯ୍ୟ ଅଂଶୁମାନ


ଅବିସ୍ମରା ମିଶ୍ର


ଆଶୁତୋଷ ମହାନ୍ତି

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦଶମରେ ପାରାଦୀପ ପିପିଏଲ୍ ଟାଉନଶିପ୍‌ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ର ମେହୁଲ ଜେନା ମୋଟ ୫୦୦ ନମ୍ବରରୁ ସର୍ବାଧିକ ୪୮୯ ଅର୍ଥାତ୍ ୯୭.୮୦% ନମ୍ବର ରଖି ଜଗତ୍‌ସିଂହପୁର ଜିଲା ଟପ୍ପର ହୋଇଛନ୍ତି। ତାଙ୍କ ପରେ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅବିସ୍ମରା ମିଶ୍ର ଓ ଆର୍ଯ୍ୟ ଅଂଶୁମାନ ଉଭୟ ସମାନ ନମ୍ବର ଅର୍ଥାତ୍ ୯୭.୬% ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହାବାଦ୍ ଜିଲାର ପ୍ରାୟତଃ ଶିକ୍ଷାନୁଷ୍ଠାନରେ ଫଳ ସନ୍ତୋଷଜନକ ରହିଛି। ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟର ମୋଟ ୩୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଜଣଙ୍କର ଗୋଟିଏ ବିଷୟରେ କମ୍ପାର୍ଟମେଣ୍ଟାଲ ଥିବାବେଳେ ଅବଶିଷ୍ଟ ୩୮ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଜଣ ୯୦% ଓ ତଦୂର୍ଦ୍ଧ ନମ୍ବର ରଖିଛନ୍ତି। ୫ ଜଣ ସଂସ୍କୃତରେ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ମୋଟ ୭୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୧ ଜଣ ପାସ୍ କରିଛନ୍ତି। ଅମ୍ରିତା ମହାପାତ୍ର ୯୬% ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପିପିଏଲ୍ ଟାଉନଶିପ୍‌ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ମୋଟ ୪୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତପ୍ରତିଶତ ପାସ୍ କରିଛନ୍ତି । ୫ ଜଣ ୯୫% ଓ ତଦୂର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ମେହୁଲଙ୍କୁ ବାଦ୍ ଦେଲେ ବିଦ୍ୟାଳୟର ସୂର୍ଯ୍ୟୋଦିପ୍ତା ପ୍ରଧାନ ୪୮୭ (୯୭.୪୦%) ଓ ପୁନିତ କୁମାର ବେହେରା ୪୮୩ (୯୬.୬୦%) ନମ୍ବର ରଖିଛନ୍ତି। ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲର ଆଦ୍ୟାଶା ପାତ୍ର ୯୭.୨%,

### ଅବିସ୍ମରା ଓ ଆର୍ଯ୍ୟ ଯୁଗ୍ମ ଦ୍ୱିତୀୟ

ଅମିତ ଅମନ ରାଉତ ୯୫%, ଶୁଭକାନ୍ତ ନାୟକ ୯୫% ଓ ସ୍ମୃତି ମହାପାତ୍ର ୯୪.୮% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜଗତ୍‌ସିଂହପୁରସ୍ଥିତ ସୁଧାନନ୍ଦ ବିଦ୍ୟାଳୟକୁ ମଧ ଭଲ ସଫଳତା ମିଳିଛି । ବିଦ୍ୟାଳୟର ୫ ଜଣ ଏ୧, ୭ ଜଣ ଏ୨ ପାଇଛନ୍ତି । ଅଭିଲିପ୍ସା ଶୁଭଦର୍ଶିନୀ ସର୍ବାଧିକ ୪୭୮ (୯୫.୬%) ଓ ପ୍ରତ୍ୟୁଷ ରାଉତରାୟ ୪୭୫ (୯୫%) ନମ୍ବର ରଖିଛନ୍ତି। ଜଗତ୍‌ସିଂହପୁର ଜାଭିୟର୍ସ ହାଇସ୍କୁଲ ଛାତ୍ର ଆଶୁତୋଷ ମହାନ୍ତି ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି।

ସେହିପରି ଦ୍ୱାଦଶ ପରୀକ୍ଷାରେ ପାରାଦୀପସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ୭୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୫ ଜଣ ପାସ୍ କରିଛନ୍ତି। ଏଠାରେ ପାସ୍ ହାର ୯୨.୮୬% ରହିଛି। ଏହି ସ୍କୁଲର ବିଜ୍ଞାନରେ କୁଶଲ କୁମାର ନାୟକ (୮୮.୮%) ଓ ବାଣିଜ୍ୟରେ ସୋନାଲି ନାୟକ (୮୦%) ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ପିପିଏଲ୍ ଟାଉନଶିପ୍‌ସ୍ଥିତ ଡିଏଭି ପବ୍ଲିକ ସ୍କୁଲକୁ ଶତ ପ୍ରତିଶତ ସଫଳତା ମିଳିଛି। ସ୍କୁଲର ମୋଟ ୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରତ୍ୟେକ ପାସ୍ କରିଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ୯୫%ରୁ ଅଧିକ ନମ୍ବର ରଖିଥିବାବେଳେ ୫ ଜଣ ୯୦% ରଖିଛନ୍ତି। ଆଦ୍ୟାଶା ମହାନ୍ତି ସର୍ବାଧିକ ୪୭୮ (୯୫.୬୦%), ଆଦ୍ୟାଶା ରାଉତ ୪୭୩ (୯୪.୬୦%) ଓ ମୌସୁମୀ କଣ୍ଡାଙ୍ଗକେଲ ୪୭୧ (୯୪.୨୦%) ନମ୍ବର ରଖି ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି ।

# ହେଲ୍‌ପିଂ ହ୍ୟାଣ୍ଡ ପକ୍ଷରୁ ଜଳଛତ୍ର

**ରସୁଲପୁର,୧୨।୫(ଡି.ଏନ.ଏ.)**



ଯାଜପୁର ଜିଲାର ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍‌ପିଂ ହ୍ୟାଣ୍ଡ ତରଫରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି । ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ସମାଜ ସେବା ଶାଖା ପକ୍ଷରୁ ୩ ବର୍ଷ ହେଲା ଜିଲାର ଏକାଧିକ ସ୍ଥାନରେ ଜଳଛତ୍ର ଖୋଲା ଯାଇଆସୁଛି। ଏହି କ୍ରମରେ ଚଳିତ ବର୍ଷ ରସୁଲପୁର ବ୍ଲକର ମୁଗପାଳସ୍ଥିତ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ ଛକ ଏବଂ ଯାଜପୁର ଟାଉନ ଶାଖା ତରଫରୁ ମଲ୍ଲିକାପୁରଠାରେ ଜଳଛତ୍ର ଖୋଲା ଯାଇଛି। ଏହି ୨ ସ୍ଥାନରେ ଏକ ମାସ ପର୍ଯ୍ୟନ୍ତ ଜଳଛତ୍ର ସେବା ଚାଲୁ ରହିବ । ଗ୍ରୀଷ୍ମପ୍ରବାହକୁ ନଜର ରଖି ଜଳଛତ୍ର ଅବଧିକୁ ଅଧିକ ଦିନ ବଢାଇ ଦିଆଯିବ। ଏହା ସହିତ ଚଢେଇମାନଙ୍କ ପାଇଁ ଗଛରେ ମାଟି ପାତ୍ର ବସା ଯାଇଛି।। ଆନୁଷ୍ଠାନ ପକ୍ଷରୁ ମୁଗପାଳ ଜଳଛତ୍ରକୁ ଦାମୋଦର ମହାରଣା, ଅଶ୍ୱିନୀ ଦାସ, ଉମେଶ ସାହୁ,ତୋଫାନ ନାଥ, ଅବିନାଶ ବାରିକ, ଇନ୍ଦ୍ରଜିତ ସ୍ୱାଇଁ, ସିଦ୍ଧାର୍ଥ ସାହୁ, ଅଂଶୁମାନ କର ,ବିଦ୍ୟାଭୂଷଣ କର ପ୍ରମୁଖ ପରିଚାଳନା କରୁଥିବା ବେଳେ ମଲ୍ଲିକାପୁର ଜଳଛତ୍ର ଅନନ୍ତ ନାୟକ, ସୁଦର୍ଶନ ସାହୁ, ହିମାଂଶୁ ନାୟକ, ମାନସ ନାୟକ, ବିରଞ୍ଚି ସ୍ୱାଇଁ ,ଦୀପୁ ପଣ୍ଡା,କରନ ନାୟକ, ଶିବୁଆ ପ୍ରମୁଖ ପରିଚାଳନା କରୁଛନ୍ତି ।

# ବିରଜା ସ୍କୁଲ ଅଫ୍ ନର୍ସିଂର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଯାଜପୁର ଟାଉନ,୧୨।୫(ଡି.ଏନ.ଏ.)**

ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ବିରଜା ସ୍କୁଲ ଅଫ୍ ନର୍ସିଂ ର ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱ ସେବିକା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉତ୍ସବକୁ ଅତିରିକ୍ତ କମିଶନର ବନ୍ଦୋବସ୍ତ ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ଯୋଗଦେଇ ନର୍ସମାନଙ୍କ ସେବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତାଭାବେ ଯାଜପୁର ଉପନଗରପାଳ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ସେବିକା ଦିବସ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ରମେଶ ଚନ୍ଦ୍ର ମଲ୍ଲିକ ଓ ଡା. ପାର୍ଥସାରଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିରଜା ସ୍କୁଲ ଅଫ୍ ନର୍ସିଂର ନିର୍ଦ୍ଦେଶକ ଶ୍ୟାମସୁନ୍ଦର କର ପରିଚାଳନା କରିଥିଲେ । ଅଧକ୍ଷା ବିଶାଖା ମଞ୍ଜରୀ ପରିଡା ନିଜ ଅଭିମତ ଉପସ୍ଥାପନ କରିଥିଲେ। ସମ୍ପାଦକ ପରେଶ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସଚ୍ଚିଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପୁଷ୍ପଲତା ମହନ୍ତ, ନିବେଦିତା ଜେନା, ମୋନାଲିସା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜବରଦଖଲ ଉଚ୍ଛେଦ କଲା ତହସିଲ ପ୍ରଶାସନ

**ବରୀ,୧୨।୫(ଡି.ଏନ.ଏ.)**

ବରୀ–ବାଲିବିଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର ଅଲିପୁର ଗ୍ରାମର କେତେଜଣ ଲୋକ ସରକାରୀ ରାସ୍ତାକୁ ଜବରଦଖଲ କରି ରଖିଥିବାରୁ ସେହି କାମରେ ବାଧା ଉପୁଜିଥିଲା। ଦୀର୍ଘ ଦିନ ଧରି ଜବରଦଖଲ ଯୋଗୁ ରାସ୍ତା କାମ ବନ୍ଦ ରହିବା ପରେ ଅଲିପୁର, ବାଲିବିଲ ଓ ଭବାନୀପୁର ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ନିମନ୍ତେ ଯାଜପୁର ଜିଲାପାଳଙ୍କ ସହ ବରୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ ହେବା ପରେ ବି ଜବରଦଖଲକାରୀମାନେ ସେହି ସ୍ଥାନରୁ ହଟି ନ ଥିଲେ । ଫଳରେ ବରୀ ତହସିଲଦାର ତିଲୋତ୍ତମା ପୃଷ୍ଟି ପୋଲିସ ପ୍ରଶାସନ ସହଯୋଗରେ ଜବରଦଖଲକୁ ହଟାଇଛନ୍ତି । ଏହପରେ ରାସ୍ତା ସମ୍ପ୍ରସାରଣ ଖୁବ୍‌ଶୀଘ୍ର କରାଯିବ ବୋଲି ସୂଚନା ମିଳିଛି ।


ଜବରଦଖଲ ଉଚ୍ଛେଦ ପାଇଁ ପ୍ରସ୍ତୁତି ଚାଲିଛି।

# ସିବିଏସ୍‌ଇ ଦଶମରେ ମେହୁଲ ଜଗତ୍‌ସିଂହପୁର ଜିଲ୍ଲା ଟପ୍ପର

**ଜଗତ୍‌ସିଂହପୁର ଅଫିସ, ୧୨।୫**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦଶମରେ ପାରାଦୀପ ପିପିଏଲ୍ ଟାଉନଶିପ୍‌ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ର ମେହୁଲ ଜେନା ମୋଟ ୫୦୦ ନମ୍ବରରୁ ସର୍ବାଧିକ ୪୮୯ ଅର୍ଥାତ୍ ୯୭.୮୦% ନମ୍ବର ରଖି ଜଗତ୍‌ସିଂହପୁର ଜିଲା ଟପ୍ପର ହୋଇଛନ୍ତି। ତାଙ୍କ ପରେ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅବିସ୍ମରା ମିଶ୍ର ଓ ଆର୍ଯ୍ୟ ଅଂଶୁମାନ ଉଭୟ ସମାନ ନମ୍ବର ଅର୍ଥାତ୍ ୯୭.୬% ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହାବାଦ୍ ଜିଲାର ପ୍ରାୟତଃ ଶିକ୍ଷାନୁଷ୍ଠାନରେ ଫଳ ସନ୍ତୋଷଜନକ ରହିଛି। ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟର ମୋଟ ୩୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଜଣଙ୍କର ଗୋଟିଏ ବିଷୟରେ କମ୍ପାର୍ଟମେଣ୍ଟାଲ ଥିବାବେଳେ ଅବଶିଷ୍ଟ ୩୮ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଜଣ ୯୦% ଓ ତଦୂର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ୫ ଜଣ ସଂସ୍କୃତରେ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ମୋଟ ୭୩ଜଣ


ମେହୁଲ ଜେନା


ଆର୍ଯ୍ୟ ଅଂଶୁମାନ


ଅବିସ୍ମରା ମିଶ୍ର


ଆଶୁତୋଷ ମହାନ୍ତି

ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୧ ଜଣ ପାସ୍ କରିଛନ୍ତି। ଅମ୍ରିତା ମହାପାତ୍ର ୯୬% ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପିପିଏଲ୍ ଟାଉନଶିପ୍‌ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ମୋଟ ୪୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତପ୍ରତିଶତ ପାସ୍ କରିଛନ୍ତି । ୫ ଜଣ ୯୫% ଓ ତଦୂର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ମେହୁଲଙ୍କୁ ବାଦ୍ ଦେଲେ ବିଦ୍ୟାଳୟର ସୂର୍ଯ୍ୟୋଦିପ୍ତା ପ୍ରଧାନ ୪୮୭ (୯୭.୪୦%) ଓ ପୁନିତ କୁମାର ବେହେରା ୪୮୩ (୯୬.୬୦%) ନମ୍ବର ରଖିଛନ୍ତି। ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲର ଆଦ୍ୟାଶା ପାତ୍ର ୯୭.୨%,

## ଅବିସ୍ମରା ଓ ଆର୍ଯ୍ୟ ଯୁଗ୍ମ ଦ୍ୱିତୀୟ

ଅମିତ ଅମନ ରାଉତ ୯୫%, ଶୁଭକାନ୍ତ ନାୟକ ୯୫% ଓ ସ୍ମୃତି ମହାପାତ୍ର ୯୪.୮% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜଗତ୍‌ସିଂହପୁରସ୍ଥିତ ସୁଧାନନ୍ଦ ବିଦ୍ୟାଳୟକୁ ମଧ ଭଲ ସଫଳତା ମିଳିଛି । ବିଦ୍ୟାଳୟର ୫ ଜଣ ଏ୧, ୭ ଜଣ ଏ୨ ପାଇଛନ୍ତି । ଅଭିଲିପ୍ସା ଶୁଭଦର୍ଶିନୀ ସର୍ବାଧିକ ୪୭୮ (୯୫.୬%) ଓ ପ୍ରତ୍ୟୁଷ ରାଉତରାୟ ୪୭୫ (୯୫%) ନମ୍ବର ରଖିଛନ୍ତି। ଜଗତ୍‌ସିଂହପୁର ଜାଭିୟର୍ସ ହାଇସ୍କୁଲ ଛାତ୍ର ଆଶୁତୋଷ ମହାନ୍ତି ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି।

ସେହିପରି ଦ୍ୱାଦଶ ପରୀକ୍ଷାରେ ପାରାଦୀପସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ୭୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୫ ଜଣ ପାସ୍ କରିଛନ୍ତି। ଏଠାରେ ପାସ୍ ହାର ୯୨.୮୬% ରହିଛି। ଏହି ସ୍କୁଲର ବିଜ୍ଞାନରେ କୁଶଳ କୁମାର ନାୟକ (୮୮.୮%) ଓ ବାଣିଜ୍ୟରେ ସୋନାଲି ନାୟକ (୮୦%) ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ପିପିଏଲ୍ ଟାଉନଶିପ୍‌ସ୍ଥିତ ଡିଏଭି ପବ୍ଲିକ ସ୍କୁଲକୁ ଶତ ପ୍ରତିଶତ ସଫଳତା ମିଳିଛି। ସ୍କୁଲର ମୋଟ ୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ପ୍ରତ୍ୟେକ ପାସ୍ କରିଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ୯୫%ରୁ ଅଧିକ ନମ୍ବର ରଖିଥିବାବେଳେ ୫ ଜଣ ୯୦% ରଖିଛନ୍ତି। ଆଦ୍ୟାଶା ମହାନ୍ତି ସର୍ବାଧିକ ୪୭୮ (୯୫.୬୦%), ଆଦ୍ୟାଶା ରାଉତ ୪୭୩ (୯୪.୬୦%) ଓ ମୌସୁମୀ କଣ୍ଡାଙ୍ଗକେଲ ୪୭୧ (୯୪.୨୦%) ନମ୍ବର ରଖି ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି ।

# ମୋବାଇଲ ଲୁଟ୍ ଅଭିଯୋଗ: ୪ ଗିରଫ

**ପାରାଦୀପ,୧୨।୫(ସ୍ୱ.ପ୍ର.)**



ମୋବାଇଲ୍ ଲୁଟ୍ ଅଭିଯୋଗରେ ପାରାଦୀପ ମେରାଇନ ପୋଲିସ ଶୁକ୍ରବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୫ ଦାମୀ ମୋବାଇଲ ଓ ଗୋଟିଏ ସୁନା ଚେନ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ରାଜନ ମଣ୍ଡଳ, ଶୁଭଙ୍କର ଘନି, ବିଶ୍ୱନାଥ ମଣ୍ଡଳ ଓ ରାଜେନ ମିସ୍ତ୍ରି। ଏ ନେଇ ମାମଲା (ନଂ.୨୯/୨୨) ରୁଜୁ ହୋଇଛି। ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ସୂଚନା ଅନୁସାରେ, ରାଜେନ ଓ ଶୁଭଙ୍କର ଗତବର୍ଷ ନଭେମ୍ବର ୧୦ରେ ନେହେରୁବଙ୍ଗଳାଠାରୁ ଜଣଙ୍କ ମୋବାଇଲ ଛଡ଼ାଇନେଇ ପଳାଇଥିଲେ। ସେବେଠାରୁ ମୋବାଇଲ ବନ୍ଦ ଥିଲା। ଗତ ବୁଧବାର ସେହି ମୋବାଇଲରେ ଆଉ ଗୋଟିଏ ସିମ୍‌କାର୍ଡ ବ୍ୟବହାର ହେବାରୁ ଆଇଏମ୍ଇଆଇ ନମ୍ବର ଜରିଆରେ ମୃଷାଡିଆଠାରେ ଥିବା ଏକ ମୋବାଇ୍ ଦୋକାନରେ ଏହାକୁ ଠାବ କରାଯାଇଥିଲା। ଏନେଇ ଦୋକାନ ମାଲିକ ବିଶ୍ୱନାଥଙ୍କୁ ଜେରା କରିବା ବେଳେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ଅଭିଯୁକ୍ତମାନେ କେନ୍ଦ୍ରାପଡା ଜିଲାର କେନାଲବ୍ରିଜ୍ ଠାରୁ ଭୂତମୁଣ୍ଡାଇ ମଧ୍ୟରେ ଲୋକଙ୍କୁ ଲୁଟ କରୁଥିବା ନେଇ ପୋଲିସ କହିଛି।

# ବୁଲା ଗୋରୁ, ଜବରଦଖଲ ହଟାଇବାକୁ ନିଷ୍ପତ୍ତି


ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

**ପଟ୍ଟାମୁଣ୍ଡାଇ,୧୨।୫(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌର ପରିଷଦର ଚୂଡାନ୍ତ ବଜେଟ ଅଧିବେଶନ ଓ ସାଧାରଣ ଅଧିବେଶନ ପରିଷଦର ସମ୍ମିଳନୀ କକ୍ଷରେ ଶୁକ୍ରବାର ପୌର ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବଜେଟ ଅଧିବେଶନ ଅନୁଷ୍ଠିତ ହେବା ପରେ ସାଧାରଣ ଅଧିବେଶନ ହୋଇଥିଲା। ଏଇ ଅବସରରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଚୂଡାନ୍ତ ବଜେଟ ଉପସ୍ଥାପନ କରାଯାଇଥିଲା। ପୌରାଧ୍ୟକ୍ଷ ସାହୁ କହିଛନ୍ତି, ରାଜ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ସ୍ୱତନ୍ତ୍ର ପରିଚୟ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ପୌର ପରିଷଦର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ବହୁ ବୃହତ ପ୍ରକଳ୍ପ ହାତକୁ ନିଆଯାଇଛି। ଏ ଦିଗରେ ସମସ୍ତେ ସହଯୋଗର ହାତ ବଢ଼ାଇଲେ ପୌର ପରିଷଦର ମାନଚିତ୍ର ସମ୍ପୂର୍ଣ୍ଣ ବଦଳି ଯିବ। ଯୁଦ୍ଧକାଳୀନ ଭିତିରେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରି ତଳ ପାହାଚରେ ଥିବା ଲୋକ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବାକୁ ପୌରାଧ୍ୟକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷତଃ ବିଭିନ୍ନ ୱାର୍ଡର ରାସ୍ତାଘାଟ ମରାମତି ଓ ପୁନଃ ନିର୍ମାଣ, ଡ୍ରେନ ଓ କଲଭର୍ଟ ନିର୍ମାଣ, ପାନୀୟଜଳ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପରିମଳ, ମହିଳା ଓ ଶିଶୁ ବିକାଶ,ସାଧାରଣ ବଣ୍ଟନ, ରାଶନ କାର୍ଡ, ଭତ୍ତା, ଆବାସ, ଉଠା ଦୋକାନୀ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଇତସ୍ତତ ଭାବେ ବିଚରଣ କରୁଥିବା ବୁଲା ଗୋରୁ ଓ ସରକାରୀ ଜାଗା ଜବରଦଖଲ ଉଚ୍ଛେଦ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଭେଣ୍ଡିଂ ଜୋନ ମାଧ୍ୟମରେ ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। କାଉନସିଲର ପ୍ରଶାନ୍ତ ବାରିକ, ଗୋପୀବଲ୍ଲଭ ନାୟକ, ଲାସ୍ୟମୟୀ ସାହୁ, ସାନିଆ ପରମିନ, ମୃତ୍ୟୁଞ୍ଜୟ ପାଢ଼ୀ, ପ୍ରିୟଙ୍କା ସେଠୀ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ରୀନାରାଣୀ ମଲିକ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ଝରଣା ବେହେରା, ମଳୟ ଓଝା, ସମ୍ରାଟ କେଶରୀ ଜେନା, ବିଦ୍ୟାଧର ସେଠୀ ପ୍ରମୁଖ ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରି ଅବିଳମ୍ବେ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଏହି ଅଧିବେଶନରେ ଯୋଗ ଦେଇ ବିଧାୟକ ଧ୍ରୁବ ସାହୁ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନୂତନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ପ୍ରକଳ୍ପରେ ସ୍ୱଚ୍ଛତା ବଜାୟ ରଖିବା, ପାନୀୟଜଳ, ପରିମଳ, ଉଜ୍ଜ୍ୱଳ ଆଲୋକ, ଆବାସ, ଭତ୍ତା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଠିକଣା ଭାବେ କାର୍ଯକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସହକାରୀ ଯନ୍ତ୍ରୀ ଜଳଧର ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ଜେନା, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଠୀ, ଜନସ୍ୱାସ୍ଥ୍ୟ ବିଭାଗ ସହସହକାରୀ ଯନ୍ତ୍ରୀ ସୁଦାମ ସାହୁ, ସହସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, କର୍ତ୍ତୁଷ ବ୍ରହ୍ମା, ସଂଘମିତ୍ରା ଦାସ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ବୈଠକକୁ ପୌରପରିଷଦର ସରୋଜ ପଣ୍ଡା,ଗଣେଶ ପାତ୍ର, ମାମିନି ପଣ୍ଡା, ତପସ୍ୱିନୀ ଦାଶ,ପ୍ରଫୁଲ୍ଲ ଦାଶ, ରାଜକିଶୋର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ସିବିଏସ୍‌ଇ ପରୀକ୍ଷାରେ ଯାଜପୁର ଛାତ୍ରୀଛାତ୍ର ଆଗରେ


ଅଙ୍କିତା ପ୍ରିୟଦର୍ଶିନୀ


ଦିବ୍ୟଜ୍ୟୋତି ଦେବତା


ଖାଜେ ମୋହଦ ସୁଲତାନ୍


ପ୍ରତୀକ ରାଉତରାୟ

**ଯାଜପୁର ଟାଉନ,୧୨।୫(ଡି.ଏନ.ଏ.)**

ଶୁକ୍ରବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ୧୦ମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଯାଜପୁରସହର ଆପେକ୍ସ ଇଲିଂଶ ମିଡିୟମ୍ ସ୍କୁଲର ଶତ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୧୧୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ଆରିଶ୍ ଖାନ୍ ୯୭% ରଖିଥିବା ବେଳେ ୪ ଜଣ ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଯାଜପୁର ଟାଉନ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ୩୪ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧ଜଣ ଶତକଡା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏହି ବିଦ୍ୟାଳୟର ଛାତ୍ର ସତ୍ୟଜିତ୍ କର ୯୭.୨ ପ୍ରତିଶତ ନମ୍ବର ରଖି ପ୍ରଥମ ଅଧିକାର କରିଥିବା ବେଳେ ହିମାଂଶୁ ଶେଖର ମହାନ୍ତି ୯୬.୮୦ , ଆଦିତି ପ୍ରିୟଦର୍ଶିନୀ ସାହାଣୀ ୯୫.୮୦, ଦୀପଙ୍କର ପଣ୍ଡା ୯୫.୬୦ ଏବଂ ଦିବ୍ୟଜିତ୍ ପଣ୍ଡା ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ଯାଜପୁରଟାଉନର ହାରୋ ପବ୍ଲିକ୍ ସ୍କୁଲର ୪୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ଏହି ବିଦ୍ୟାଳୟର ଗୁଲାମ୍ ଅହମ୍ମଦ ରଜା ୯୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୦ଜଣ ଛାତ୍ରୀଛାତ୍ର ୮୦ ରୁ ୯୦ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି।

## ଦେଭ ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା

**ଯାଜପୁରରୋଡ୍,୧୨।୫(ଡି.ଏନ୍.ଏ.)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ)ର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ କୁସୁନପୁରସ୍ଥିତ ଦେଭ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ଚଳିତବର୍ଷ ୧୮୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୫ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ ହୋଇଛନ୍ତି। ଦଶମ ଶ୍ରେଣୀରେ ୬୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦର୍ଶ ଶ୍ରେଣୀର ସାର୍ଥକ ସାହୁ ୯୮.୨% ନମ୍ବର ରଖିଥିବା ବେଳେ ଦଶମ ଶ୍ରେଣୀର ଅନିନ୍ଦ୍ୟ ପରାଶର ୯୮.୪% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍କୁଲର ଚେୟାରମ୍ୟାନ ବୁଦ୍ଧଦେବ ରାଉତ, ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଉପ ପ୍ରଧାନ ଆଚାର୍ଯ୍ୟ ଆର.ଏନ୍.ରୟତ ସିଂ,ଏକାଡେମିକ କୋର୍ଡିନେଟର ବଲବୀର ସିଂ ଓ ସୋନିଆ ବେଦୀଙ୍କ ସହ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମକର୍ତ୍ତା ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଶତପ୍ରତିଶତ ସଫଳତା ହାସଲ କଲା ଡ୍ରିମ୍ସ ପବ୍ଲିକ ସ୍କୁଲ


ପାୟଲ ଧଳ


ତପସ୍ୱିନୀ ଦାସ

**ବଡ଼ଚଣା, ୧୨।୫ (ଡି.ଏନ.ଏ.)**

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଡ୍ରିମ୍ସ ପବ୍ଲିକ ସ୍କୁଲ ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ପ୍ରତି ବର୍ଷ ପରି ଚଳିତବର୍ଷ ଏହି ସଫଳତା ଯୋଗୁ ଛାତ୍ରୀଛାତ୍ରୀ ଅଧ୍ୟାପକ ଓ ଅଧ୍ୟାପିକା ଓ ଅଭିଭାବକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଚଳିତ ବର୍ଷ ମୋଟ ୪୧ଜଣ ଛାତ୍ରୀଛାତ୍ର ସିବିଏସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ପାଏଲ ଧଳ ୮୪% ଓ ତପସ୍ୱିନୀ ଦାସ ୮୩.୫% ନମ୍ବର ରଖି ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସ୍କୁଲର ଏହି ସଫଳତା ପାଇଁ ଅଧକ୍ଷା ସୁଜାତା ମହାପାତ୍ର, ନିର୍ଦ୍ଦେଶକ ଇଂ. ଧନେଶ୍ୱର ମହାପାତ୍ର, ଡ.ବିଶ୍ୱଜିତ୍ ମହାପାତ୍ର, ଅଧ୍ୟାପକ ରଞ୍ଜିତ ମହାପାତ୍ର ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ପିଲାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଧର୍ମଶାଳାର ୨ସ୍କୁଲରେ ପାସ ହାର ୯୮.୪ ପ୍ରତିଶତ

**ଧର୍ମଶାଳା,୧୨।୫(ଡି.ଏନ.ଏ.)**

ସିବିଏସଇ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ରାଜ୍ୟରେ ୯୩.୧୨ ପ୍ରତିଶତ ଛାତ୍ରୀଛାତଅ ପାସ କରିଥିବା ବେଳେ ଧର୍ମଶାଳାର ୨ ସ୍କୁଲରେ ୯୮.୪ ପ୍ରତିଶତ ପରୀକ୍ଷାର୍ଥୀ ପାସ କରିଛନ୍ତି । ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଧର୍ମଶାଳା ପବ୍ଲିକ ସ୍କୁଲର ସମୁଦାୟ ୧୨୩ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୨୩ଜଣ ୯୯ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି । ଧର୍ମଶାଳା ପବ୍ଲିକ ସ୍କୁଲର ମୋଟ ୫୩ଜଣ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ପାସ କରିଛନ୍ତି । ଏହି ସ୍କୁଲର ଛାତ୍ରୀ ବିଶ୍ୱରୁପା ରାଉତ ୯୪.୨ ପ୍ରତିଶତ ମାର୍କ ରଖିଥିବା ବେଳେ ଛାତ୍ର ପ୍ରଦୀପ କୁମାର ସିଂ ୯୨.୫ ପ୍ରତିଶତ ଓ ଛାତ୍ରୀ ଅନୁଷ୍କା ପତି ୯୨ ପ୍ରତିଶତ ମାର୍କ ରଖିଥିବା ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୦ ପରୀକ୍ଷାର୍ଥୀ ପାସ କରିଛନ୍ତି । ବିଦ୍ୟାଳୟର ରୁପାଲୀ ଆଚାର୍ଯ୍ୟ ୯୫.୮୦, ପ୍ରଦୀପ ନାରାୟଣ ସାହୁ ୯୫.୨୦ ଓ ଅନିଶା ପ୍ରଧାନ ୯୫ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।


ରୁପାଲୀ ଆଚାର୍ଯ୍ୟ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାସ୍ ହାର ୯୫.୭

**କଳିଙ୍ଗନଗର,୧୨।୫(ଡି.ଏନ.ଏ.)**

ଦାନଗଦି ବ୍ଲକ ରାଣିପଡ଼ା ପଞ୍ଚାୟତ ଗହୀରପାଟୁଲିରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ସିବିଏସ୍‌ଇ ଦଶମ ଶ୍ରେଣୀପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏହି ବିଦ୍ୟାଳୟରେ ୯୫.୭ ପ୍ରତିଶତ ପାସ୍‌ହାର ରହିଛି । ବିଦ୍ୟାଳୟର ମୋଟ ୭୦ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ଛାତ୍ରୀ ଶୁଭ୍ରା ସାକମ୍ବରୀ ରାଉତ ୪୭୮ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ପ୍ରତୀକ୍ଷା ମହାପାତ୍ର ୭୭୫ ମାର୍କ ରଖି ଦ୍ୱିତୀୟ ସ୍ଥାନ ଏବଂ ବିଶ୍ୱପ୍ରକାଶ ନାୟକ ୪୭୦ ମାର୍କ ରଖି ୩ୟ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ତ୍ୟାଗ,ଜୀବନର ମୂଲ୍ୟବୋଧ ନର୍ସିଂ ସେବା

**ମହାକାଳପଡ଼ା, ୧୨।୫(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ଅରୁଣ ସ୍କୁଲ ଅଫ ନର୍ସିଂ କଲେଜର ନର୍ସିଂ ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ତ୍ୟାଗ ଓ ଜୀବନର ମୂଲ୍ୟବୋଧ ନର୍ସିଂ ସେବା। ଏହି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସିଂ ଛାତ୍ରୀଛାତ୍ର ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ଗାଁର ଅନେକ ଗରିବ ଲୋକ ରାଜ୍ୟ ସରକାର ପ୍ରଦାନ କରିଥିବା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନା ଏକ ସୁବର୍ଣ୍ଣ ଯୁଗ ବୋଲି କହିଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳ ଲୋକମାନେ ଲାଭ ଉଠାଇ ପାରୁଛନ୍ତି। ଅନୁଷ୍ଠାନରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣର ଛାତ୍ରୀଛାତ୍ରମାନେ ମାଲକାନଗିରିଠାରୁ ମୟୂରଭଞ୍ଜ, କଳାହାଣ୍ଡିରୁ କେନ୍ଦ୍ରାପଡ଼ା ଜିଲା ସମେତ ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଶିକ୍ଷା ଲାଭ କରୁଛନ୍ତି। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା କଳ୍ପନା ରାଉତ, ଆମ୍ବ ଅଧ୍ୟକ୍ଷ ବିଜୟ କୁମାର ଜେନା, ଜିଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ସରପଞ୍ଚ ମିଳନ ଦେବନାଥ, ସାମାଜିକ କର୍ମୀ ଉଦୟ କୁମାର ଦାସ, ବୁଦ୍ଧିଜୀବୀ ଅମରେନ୍ଦ୍ର ସାମଲଙ୍କ ସମେତ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।



ବ୍ଲକ ଅଧୀନ ସ୍ଥାନୀୟ ରାମନଗରସ୍ଥିତ ଅରୁଣ ସ୍କୁଲ ଅଫ ନର୍ସିଂ କଲେଜର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଭୂତକୋଠି ପାଲଟିଛି ଗୋଷ୍ଠୀ ଶୌଚାଳୟ

**କୁଜଙ୍ଗ,୧୨।୫ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କ୍ଷେତ୍ର ଓ ବାଣିଜ୍ୟ କେନ୍ଦ୍ର ଭାବେ କୁଜଙ୍ଗ ପରିଚିତ। ଏଠାରେ ବ୍ଲକ, ତହସିଲ କାର୍ଯ୍ୟାଳୟ ସମେତ ଥାନା, ୫ ନ୍ୟାୟାଳୟ, ୫୦ରୁ ଉର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ, ୧୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ କାର୍ଯ୍ୟ କରୁଛି। ବିଭିନ୍ନ କାମରେ ଦୈନିକ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏଠାକୁ ଆସନ୍ତି। ସେହିପରି ମିଶନ ଶକ୍ତି କାମରେ ବହୁ ମହିଳା ମଧ୍ୟ ଆସନ୍ତି। ମାତ୍ର ଝାଡ଼ା ଓ ପରିସ୍ରା ଯିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ଦାବି ହେବାପରେ ବ୍ଲକ ପ୍ରଶାସନ ପକ୍ଷରୁ ଦୀର୍ଘ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟକୁ ଲାଗି ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ୨୦୨୨ ନଭେମ୍ବରରେ ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଇତିମଧ୍ୟରେ ମଧ ସାତ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଏହା ଭୂତକୋଠି ପରି ଲାଗୁଛି। ଉକ୍ତ ଶୌଚାଳୟ ନିର୍ମାଣରେ ବ୍ଲକ ପ୍ରଶାସନ ପକ୍ଷରୁ ୨ ଲକ୍ଷ ୧୦ ହଜାର ଓ ପଞ୍ଚାୟତ ପକ୍ଷରୁ ୯୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ମୋଟ୍ ୩ ଲକ୍ଷ ଟଙ୍କାରେ ଏହାକୁ ନିର୍ମାଣ କରାଯାଇଛି। ଏହି ଶୌଚାଳୟରେ ଗୋଟିଏ ପୁରୁଷ, ଗୋଟିଏ ମହିଳା ଓ ଅନ୍ୟଟି ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଲେଖା ଅଛି। ମାତ୍ର ଏଠାରେ ପାଣି ପାଇଁ ବ୍ୟବସ୍ଥା ନ ଥିବାବେଳେ କବାଟ ସବୁ ଅକାମୀ ହୋଇଯାଇଛି। ଫଳରେ ଏହା ଲୋକଙ୍କ କାମରେ ଲାଗୁନାହିଁ। ଏସମ୍ପର୍କରେ ବିଡିଓ ସୌମଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ କହିଛନ୍ତି, ଛାତ ଉପରେ ପାଣି ଟାଙ୍କି ଅଛି। ମାତ୍ର ପାଣି ସରିଯାଇ ଥାଇପାରେ। ପୁନର୍ବାର ମଟର ଚଳାଇଲେ ପାଣି ଆସିବ ବୋଲି କହିଛନ୍ତି। ଅନ୍ୟପଟେ ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ କାହାକୁ ଦିଆଯାଇ ନ ଥିବାରୁ ଶୌଚାଳୟର ଏପରି ଅବସ୍ଥା ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଖୁବଶୀଘ୍ର ଶୌଚାଳୟ କାର୍ଯ୍ୟକ୍ଷମ ନିମନ୍ତେ ଏକ ସ୍ୱୟଂସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦେବାପାଇଁ ପଦକ୍ଷେପ ନିଆଯାଉଛି ବୋଲି ପାଣିଗ୍ରାହୀ କହିଛନ୍ତି।



ପରିତ୍ୟକ୍ତ ଭାବେ ଥିବା ଶୌଚାଳୟ।

## ସଂକ୍ଷେପରେ

### ଭାଟକୁମରଡ଼ା ଆଦର୍ଶ ବିଦ୍ୟାଳୟରେ ୯୪.୨ ପ୍ରତିଶତ ସଫଳତା

ପୁରୁଷୋତ୍ତମପୁର,୧୨।୫(ଡି.ଏନ.ଏ.): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡା ଆଦର୍ଶ ବିଦ୍ୟାଳୟର ପ୍ରଥମ ବେଚ୍ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୪.୨ ପ୍ରତିଶତ ଫଳାଫଳ ହୋଇଛି। ପ୍ରଥମ ଶ୍ରେଣୀରେ ୨୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୨ ଜଣ ରହିଥିବା ବେଳେ ସେଥିମଧ୍ୟରୁ ୪ ଜଣ ୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ମହାପାତ୍ର ଓ ଶିକ୍ଷୟତ୍ରୀ ଶିକ୍ଷକଙ୍କ ଗୁଣାତ୍ମକ ଶିକ୍ଷା ଯୋଗୁ ଏଭଳି ସଫଳତା ହୋଇଥିବା ନେଇ ଅଭିଭାବକ ମହଲରେ ପ୍ରଶଂସା କରାଯାଇଛି। ମୋଟ ୩୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୧ ଜଣ ପାସ୍ କରିଛନ୍ତି।

### ସିବିଏସ୍‌ଇ ପରୀକ୍ଷା ଦ୍ୱାଦଶରେ ଦିଶା, ଦଶମରେ ଅର୍ଦ୍ଧେନ୍ଦୁ ଜିଲା ଟପ୍ପର

ପାରଳାଖେମୁଣ୍ଡି, ୧୨।୫(ଡି.ଏନ୍.ଏ.) ଶୁକ୍ରବାର ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ଗଜପତି ଜିଲା ସେଞ୍ଚୁରିୟନ ପବ୍ଲିକ ସ୍କୁଲରେ ଯୁକ୍ତ ୨ରେ ଦିଶା ଗୁପ୍ତା ୯୭.୨ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିବ ବେଳେ ପାସ ହାର ୮୭% ରହିଛି। ସେହିପରି ଦଶମରେ ପାସ ହାର ୧୦୦% ରହିଛି। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱାଦଶ ପରୀକ୍ଷାରେ ୯୪.୨୩ପ୍ରତିଶ ପରୀକ୍ଷା ଫଳ ରହିଥିବା ବେଳେ ଦଶମରେ ପାସ ହାର ଶତକଡା ୯୮.୬୮ ରହିଛି । ଅର୍ଦ୍ଧେନ୍ଦୁ ପ୍ରସାଦ ବେହେରା ସର୍ବାଧିକ ୯୬.୪୦ପ୍ରତିଶ ମାର୍କ ହାସଲ କରି ଟପ୍ପର ହୋଇଛନ୍ତି। ସେହିଭଳି ଜବାହାର ନବଦୟ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ପାସ ହାର ୯୫.୫୫ପ୍ରତିଶତ ରହିଛି। ଦଶମ ପରୀକ୍ଷାରେ ମୋଟ ୮୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ଲିଙ୍ଗିପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ୬୦ଜଣ ଦଶମ ପରୀକ୍ଷା ଦେଇଥିବା ବେଳେ ୫୪ ଜଣ କୃତକାର୍ଯ୍ୟ ହୋଇଛନ୍ତି । ପାସ ହାର ୯୦ପ୍ରତିଶତ ରହିଛି। ଅଲଡା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଦ୍ୱାଦଶ ପରୀକ୍ଷାରେ ପାସ ହାର ୭୧.୮ ପ୍ରତିଶତ ରହିଛି।ସେହିଭଳି ଗୁଣ୍ଡିମାରେ ପାସ ହାର ୪୩.୯ ରହିଛି। ଛଳିଗଡରେ ମାଟ୍ରିକ ପାସ ହାର ୭୧.୪ ଥିବାବେଳେ ଦ୍ୱାଦଶ ଶ୍ରେଣୀରେ ୩୮.୪ ରହିଛି। ରାୟଗଡା ବ୍ଲକରେ ଦଶମ ଶ୍ରେଣୀରେ ୮୩.୩ ପ୍ରତିଶତ ପାସ ହାର ରହିଛି।

### ଲିଙ୍ଗାଗଡ଼ରେ ୩ ଦିନିଆ ଯୋଗ ଶିବିର

ଜି.ଉଦୟଗିରି,୧୨।୫(ଡି.ଏନ.ଏ.): ଜି.ଉଦୟଗିରି ନିକଟସ୍ଥ ଲିଗାଂଗଡ ପଞ୍ଚାତରେ ତିନି ଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଗକୁ ବିଶ୍ୱ ଯୋଗ ଦିବସ ଆସୁଥିବା ବେଳେ ଘରେ ଘରେ ଯୋଗ ପହଞ୍ଚାଇବା ଲକ୍ଷ୍ୟରେ ପତଞ୍ଜଳି ଯୋଗ ସମିତି ତରଫରୁ ପ୍ରତି ପଞ୍ଚାୟତରେ ଯୋଗ ଶିବିର କରିବାକୁ ନିଷ୍ପତ୍ତି ହୋଇଛି। ଶୁକ୍ରବାରଠାରୁ ଲିଗାଂଗଡଠାରେ ଯୋଗ ଶିବିର ଆରମ୍ଭ ହୋଇଛି। ପତଞ୍ଜଳି ଯୋଗ ସମିତି ତରଫରୁ ଜିଲା ଯୋଗ ପ୍ରଭାରି ବଟ କ୍ରିଷ୍ନ ଦାଶ, ଯୋଗ ଗୁରୁ ରାଜେନ୍ଦ୍ର ମହାପାତ୍ର, ମନୋରଞ୍ଜନ ପତି ଯୋଗ ଦେଇ ଯୋଗ ପ୍ରାଣାୟାମ ଶିକ୍ଷା ଦେଇଥିଲେ। କପାଳଭାତୀ, ଅନୁଲୋମ ବିଲୋମ, ବାହ୍ୟ, ଉଜ୍ଜୟି, ଭ୍ରାମରୀ, ଉଦଗୀତ, ପ୍ରଣବ ପ୍ରାଣାୟାମ ଅଭ୍ୟାସ କରାଯାଇଥିଲା।

# ସିବିଏସ୍‌ଇ ପରୀକ୍ଷାରେ ନୟାଗଡ଼ ପିଲା ଆଗରେ

ନୟାଗଡ଼ ଅଫିସ,୧୨।୫


ସର୍ବେଶ୍ୱର ଦାସ


ଜୀବନଜ୍ୟୋତି ସ୍ୱାଇଁ


ପ୍ରତ୍ୟାଷା ଶତପଥୀ


ଉଦିତ୍ୟାଂଶୁ ମିଶ୍ର

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ନୟାଗଡ଼ ଜିଲାର ନୟାଗଡ଼ ଆଦର୍ଶ ବିଦ୍ୟାଳୟ, ନୟାଗଡ଼ ଡିଏଭି ପବ୍ଲିକ ସ୍କୁଲ, ଜବାହାର ନବୋଦୟ ବିଦ୍ୟାଳୟ ନୟାଗଡ଼, ମହର୍ଷି ବିଦ୍ୟା ମନ୍ଦିର ନୟାଗଡ଼ର ଛାତ୍ରୀଛାତ୍ର ଭଲ ରେଜଲ୍ଟ କରିଛନ୍ତି। ଜବାହାର ନବୋଦୟ ବିଦ୍ୟାଳୟ ନୟାଗଡ଼ର ୪୩ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବାବେଳେ ଏଥିରୁ ୬୦ ପ୍ରତିଶତ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନରେ ଅଛନ୍ତି ୪୨ ଜଣ। ସେହିପରି ୫୦ ପ୍ରତିଶତରୁ ୬୦ ପ୍ରତିଶତ ମଧ୍ୟରେ ମାତ୍ର ଜଣେ ଛାତ୍ର ୨ୟ ଡିଭିଜନ ପାଇଛନ୍ତି। ଏହି ବିଦ୍ୟାଳୟର ଶିଖା ପରିଡା ୯୮.୪୦ ପ୍ରତିଶତ ରଖି ସ୍କୁଲରେ ପ୍ରଥମ, ସ୍ୱର୍ଣ୍ଣଶ୍ରୀ ପିଆର ସାହୁ ୯୮ ପ୍ରତିଶତ ରଖି ୨ୟ ସ୍ଥାନରେ, ଆୟୁଷ ରଞ୍ଜନ ସାହୁ ୯୭.୮୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ସେହିଭଳି ଦ୍ୱାଦଶ ଶ୍ରେଣୀରେ ୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏଥିରୁ ୬୦ ପ୍ରତିଶତ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନରେ ଅଛନ୍ତି ୪୩ ଜଣ। ସେହିପରି ୫୦ ପ୍ରତିଶତରୁ ୬୦ ପ୍ରତିଶତ ମଧ୍ୟରେ ମାତ୍ର ଜଣେ ଛାତ୍ର ୨ୟ ଡିଭିଜନ ପାଇଛନ୍ତି। ବିଦ୍ୟାଳୟରେ ୯୫ ପ୍ରତିଶତ ନମ୍ବର ରଖି ପ୍ରତିଭା ସାହୁ ପ୍ରଥମ, ବିଷ୍ଣୁ ପ୍ରସାଦ ବେହେରା ୯୪.୪୦ ପ୍ରତିଶତ ରଖି ୨ୟ ସ୍ଥାନରେ ଓ ଆଲୋକ କୁମାର ସାହୁ ୯୪.୨୦ ପ୍ରତିଶତ ରଖି ତୃତୀୟ ସ୍ଥାନରେ ଅଛନ୍ତି। ସେହିଭଳି ନୟାଗଡ଼ ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ରେଜଲ୍ଟ କରିଥିବାବେଳେ ପ୍ରତ୍ୟାଷା ଶତପଥୀ ୯୮ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ୯୪.୪୪ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ଉଦିତାଂଶୁ ମିଶ୍ର ୮୯.୮ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି। ମହର୍ଷି ବିଦ୍ୟା ମନ୍ଦିର ନୟାଗଡ଼ର ୮୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭୮ ଜଣ ପାସ କରିଛନ୍ତି। ଏଥିରେ ୯୫ ପ୍ରତିଶତରୁ ଅଧିକ ୨ଜଣ, ୯୦ ପ୍ରତିଶତ ୯ ଜଣ, ୬୦ ପ୍ରତିଶତରୁ ଅଧିକ ୬୧ ଜଣ ରଖିଛନ୍ତି। ତେବେ ଜୀବନ ଜ୍ୟୋତି ସ୍ୱାଇଁ ଅଧିକ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ପାଇଛନ୍ତି। ନୟାଗଡ଼ ଡିଏଭି ପବ୍ଲିକ ସ୍କୁଲର ୪୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରୁ ୧୨ଜଣ ୯୦ ପ୍ରତିଶତରୁ ଅଧିକ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୪୨ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସର୍ବେଶ୍ୱର ଦାଶ ୯୭.୪ ପ୍ରତିଶତ ରଖି ସ୍କୁଲ ଟପର ହୋଇଛନ୍ତି।

# ନୟାଗଡ଼ ଟ୍ରେଜେରି ଜୁନିୟର ଷ୍ଟେନୋ ଭିଜିଲାନ୍ସ ଦ୍ୱାରା ଗିରଫ

ନୟାଗଡ଼ ଅଫିସ,୧୨।୫


ଦୁର୍ଗାପ୍ରସାଦ ମହାପାତ୍ର

■ପ୍ରାନ ଆଇଡି ଫରୱାର୍ଡ ପାଇଁ ୪୮ ହଜାର ଲାଞ୍ଚ
■୧୬୧ ହାଇସ୍କୁଲ ଶିକ୍ଷକଙ୍କଠାରୁ ଆଦାୟ ହୋଇଥିଲା

ନୟାଗଡ଼ ଭିଜିଲାନ୍ସ ଜାଲରେ ନୟାଗଡ଼ ଟ୍ରେଜେରିର ଜୁନିୟର ଷ୍ଟେନୋ ଗ୍ରାଫର ଦୁର୍ଗାପ୍ରସାଦ ମହାପାତ୍ର ପଡିଛନ୍ତି। ଜାତୀୟ ପେନଶନ ସ୍କିମ୍‌ରେ ଭୁବନେଶ୍ୱରରର ପ୍ରାନ ସେଣ୍ଟର ଆଇଟି ଡିପାଟମେଣ୍ଟକୁ ନୟାଗଡ଼ ଟ୍ରେଜେରି ୱେବସାଇଟ୍‌ର ହାଇସ୍କୁଲ ଶିକ୍ଷକଙ୍କ ପ୍ରାନ ଆଇଡି ଫରୱାର୍ଡ ପାଇଁ ଦୁର୍ଗାପ୍ରସାଦ ୪୮ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ନୟାଗଡ ଭିଜିଲାନ୍ସ ଦୁର୍ଗାପ୍ରସାଦଙ୍କୁ ଶୁକ୍ରବାର ଗିରଫ କରି ଲାଞ୍ଚ ଟଙ୍କା ଜବତ କରିବାରେ ସକ୍ଷମ ହୋଇଛି।

ଏ ନେଇ ଶିଖରପୁର ନୋଡାଲ ହାଇସ୍କୁଲର ଶିକ୍ଷୟିତ୍ରୀ ମୈତ୍ରୀ ଆଚାର୍ଯ୍ୟ ଓ ରଣପୁର ବ୍ଲକ ପି. ମାନପୁର ସ୍କୁଲର ଶିକ୍ଷକ ଚିନ୍ତାମଣି ମହାରଣା କୁହନ୍ତି, ପ୍ରାନ ଆଇଡି ପ୍ରିପାରେଶନ ପାଇଁ ଡାଟା ସିଟ୍ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଏ। ଜିଲା ଶିକ୍ଷା ଅଧିକାରୀ ଏଥିପାଇଁ ଫରୱାର୍ଡ ଲେଟର କରିଦେଲେ। ଟ୍ରେଜେରି ଏହାର କାମ ଶେଷ କରି ଭୁବନେଶ୍ୱରରର ପ୍ରାନ ସେଣ୍ଟର ଆଇଟି ଡିପାଟମେଣ୍ଟକୁ ଫରୱାର୍ଡ କରିବାର ନିୟମ ରହିଛି। ତେବେ ଶିକ୍ଷକ ସଂଘ ପକ୍ଷରୁ ସବୁ ଫର୍ମ ଓ ୱେବସାଇଟରେ ପୂରଣ କରାଗଲା। କେବଳ ଟ୍ରେଜେରି ଅଫିସରଙ୍କ ଦସ୍ତଖତ କରି ଡାଟା ଫରୱାର୍ଡ କରିବାକୁ ଜୁନିୟର ଷ୍ଟେନୋ ୪୦୦ଟଙ୍କା ଲାଞ୍ଚ ଦାବି କରିଥିଲେ। ୨୦୨୦-୨୧ବ୍ୟାଚର ଇନସିଆଲ ନିଯୁକ୍ତି ହୋଇଥିବା ୧୯୬ ଶିକ୍ଷକଙ୍କଠାରୁ ୫୫ ହଜାର ଜୁନିୟର ଷ୍ଟେନୋ ଲାଞ୍ଚ ନେଇଥିଲେ। ଗତବର୍ଷ ୩୦୦ ଟଙ୍କା ନେଇଥିଲେ। ଚଳିତବର୍ଷ କାହିଁକି ୪୦୦ ଟଙ୍କା ଦେବୁ ବୋଲି କହି ୩୦୦ ଟଙ୍କା ଲାଞ୍ଚ ହିସାବରେ ୧୬୧ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ୪୮ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲୁ। ଲାଞ୍ଚ ଟଙ୍କା ନେଇ ବି ବ୍ୟବହାର ଖରାପ କରୁଥିଲେ। ଆମକୁ ଗୋଟି ଶ୍ରମିକ ପରି ବ୍ୟବହାର କରୁଥିଲେ। ପରେ ଏ ନେଇ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲୁ। ଶିକ୍ଷକ ଚିନ୍ତାମଣି ମହାରଣା ଲାଞ୍ଚ ଦେଉଥିବାବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଫିସରେ ଚଢ଼ାଉ କରାଯାଇ ଦୁର୍ଗାପ୍ରସାଦଙ୍କୁ ଗିରଫ କରିଥିଲେ। ଏ ନେଇ ଭିଜିଲାନ୍ସ ଡିଏସ୍‌ପି ଶ୍ରୀକାନ୍ତ ବେହେରା କୁହନ୍ତି, ୪୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ନୟାଗଡ଼ ଟ୍ରେଜେରିର ଜୁନିୟର ଷ୍ଟେନୋ ଗ୍ରାଫର ଦୁର୍ଗାପ୍ରସାଦଙ୍କୁ ଗିରଫ କରାଯାଇଛି। ଏ ନେଇ ୭ ପିସି ଆମେଣ୍ଡମେଣ୍ଟ ଆକ୍ଟରେ ନଂ.୧୧/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଜୁନିୟର ଷ୍ଟେନୋ ଗ୍ରାଫରଙ୍କ ନୟାଗଡ଼ ତ୍ରିନାଥ ଛକସ୍ଥିତ ସରକାରୀ ବାସଭବନ ଓ ନିଜ ଘର ରଣପୁର ପାଟେରାସାହିରେ ଚଢ଼ାଉ କରାଯାଇଛି। ଶନିବାର ଜୁନିୟର ଷ୍ଟେନୋ ଗ୍ରାଫରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

# ମାଗଣା ବୈଷୟିକ ଶିକ୍ଷା ପାଇବେ ଛାତ୍ରୀ


ସମ୍ମିଳନୀରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୧୨।୫

**ଖବରଦାତା ସମ୍ମିଳନୀ କରି ସୂଚନା ଦେଲେ ଜିଲାପାଳ**

ଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ମାଗଣା ଶିକ୍ଷା ଦେବାକୁ ରାଜ୍ୟ ସରକାର ସୁଦକ୍ଷା ଯୋଜନାରେ ଆଗେଇ ଆସିଛନ୍ତି। ଏଥିପାଇଁ ନୟାଗଡ଼ ବ୍ଲକର ଖୁଣ୍ଟୁବନ୍ଧସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ନୟାଗଡ଼ ଓ ଓଡ଼ଗାଁସ୍ଥିତ ପଲି ଟେକନିକ୍‌ରେ ବ୍ୟବସ୍ଥା ହୋଇଛି। ଏହି ଅବସରରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଶୁକ୍ରବାର ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଓଡ଼ଗାଁ ସ୍ଥିତ ପଲି ଟେକନିକ୍‌ରେ ନିର୍ମାଣ ବିଭାଗରେ ୬୦, ବୈଦ୍ୟୁତିକ ବିଭାଗରେ ୬୦ ଓ ଯାନ୍ତ୍ରିକ ବିଭାଗରେ ୬୦ ସିଟ୍ ରହିଛି। ଏଥିରୁ ଛାତ୍ରୀମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ରହିଛି। ସେହିପରି ଖୁଣ୍ଟୁବନ୍ଧସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ନୟାଗଡ଼ରେ ଇଲେକ୍ଟ୍ରିସିୟାନ ୪୦, ଫିଟର ୪୦, ଏମ୍‌ଏମ୍‌ଭି ୪୮, ୱେଲଡର ୬୦ ସିଟ୍ ରହିଛି। ୩୩ ପ୍ରତିଶତ ସଂରକ୍ଷଣ ଅଛି। ଏହା ବ୍ୟତିତ ଅନୁସୂଚିତ ଜାତି ଓ ଜନଜାତି, ଶାରୀରିକ ଭିନ୍ନକ୍ଷମ, ସବୁଜ ପତ୍ରିକାଧାରୀ, ପୂର୍ବତନ ସମାରିକ କର୍ମଚାରୀଙ୍କ ପୁଅଝିଅଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ଅଛି। ଗରିବ ମେଧାବୀ ଛାତ୍ରୀଛାତ୍ରମାନଙ୍କ ପାଇଁ ରାଜ୍ୟ ତଥା କେନ୍ଦ୍ରୀୟ ମେଧାବୃତ୍ତି ବ୍ୟବସ୍ଥା ରଖାଯାଇଛି। ଉଭୟ ଅନୁଷ୍ଠାନରେ ନାମଲେଖା ଆରମ୍ଭ ହୋଇଛି। ଛାତ୍ରୀମାନେ ଏହାର ସୁଯୋଗ ନିଅନ୍ତୁ ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟୁବନ୍ଧସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ନୟାଗଡ଼ର ଅଧ୍ୟକ୍ଷ ଜବାନ ଦାଶ, ଓଡ଼ଗାଁସ୍ଥିତ ପଲି ଟେକନିକର ଭାରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟମଣୀ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କୁ ହତ୍ୟା ଘଟଣା, ସ୍ତ୍ରୀ ସହ ପ୍ରେମିକ ଗିରଫ

ଖଜୁରିପଡ଼ା,୧୨।୫

ଖଜୁରିପଡ଼ା ଥାନା ଭାଲିଆପଡା ଗାଁର ଗୁଡ଼ି ସାହିରେ ସୋମବାର ସ୍ତ୍ରୀ ଓ ତାଙ୍କ ବନ୍ଧୁଙ୍କ ଟାଙ୍ଗିଆ ମାଡ଼ରେ ସ୍ୱାମୀ ଦେବେଶ୍ୱର୍ ଦିଗାଲଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ହତ୍ୟାକାରୀ ସ୍ତ୍ରୀ ଓ ତାଙ୍କ ପ୍ରେମୀକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଦେବେଶ୍ୱରଙ୍କୁ ସଂଘବନ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ନେଇ ମୃତକଙ୍କ ପୁଅ ଆକାଶ ଦିଗାଲ ଖଜୁରିପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଥାନାରେ ନଂ.୫୪/୨୩ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଦୀର୍ଘ ୪ ଦିନର ତଦନ୍ତ ପରେ ପୋଲିସ ଜାଣିବାକୁ ପାଇଲା ଯେ ଦେବେଶ୍ୱରଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଛି।

## ଗିରିଡ଼ିଆମ୍ବା ବିଦ୍ୟୁତ୍ ସମସ୍ୟା ନେଇ ଜେଇଙ୍କୁ ଦାବିପତ୍ର


ଜେଇଙ୍କୁ ଓଡ଼ଗାଁ ଛାତ୍ର କଂଗ୍ରେସ ସଭାପତି ଦିଲୀପ କୁମାର ବିଶୋଇ ଦାବିପତ୍ର ଦେଉଛନ୍ତି।

ଓଡ଼ଗାଁ,୧୨।୫ (ସ୍ୱ.ପ୍ର.)

ଫାଇଲିନ ବାତ୍ୟାଠାରୁ ଅଦ୍ୟାବଧି ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ଆଦିବାସୀ ଅଧୂଷିତ ଗିରିଡ଼ିଆମ୍ବା ଗାଁକୁ ବିଦ୍ୟୁତ ଯୋଗାଣ ନାହିଁ। ଫଳରେ ଗ୍ରାମବାସୀ ଅନ୍ଧାରରେ କାଳାତିପାତ କରୁଛନ୍ତି। ଗାଁକୁ ବିଦ୍ୟୁତ ଯୋଗାଣ ନ ହେବା ଏହା ବିଭାଗ ଓ ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ବିଷୟରେ ବାରମ୍ବାର ଫୋନ୍ ଯୋଗେ ବିଦ୍ୟୁତ ବିଭାଗ ଜେଇ-୨ ଜିତେନ୍ଦ୍ର ମହାରଣାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ବାରମ୍ବାର ଫୋନ୍ କାଟିଥିଲେ। ଏନେଇ ଶୁକ୍ରବାର ଓଡ଼ଗାଁ ଛାତ୍ର କଂଗ୍ରେସ ସଭାପତି ଦିଲୀପ କୁମାର ବିଶୋଇ ଜେଇଙ୍କୁ ଭେଟି ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ଦାବି କରିଛନ୍ତି। ଗାଁକୁ ବିଦ୍ୟୁତ ନ ଆସିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଗାମୀ ୧୦ ଦିନ ଭିତରେ ଯଦି ଗିରିଡ଼ିଆମ୍ବା ଗାଁକୁ ବିଦ୍ୟୁତ ଯୋଗାଣ ନ ହେଲା ଉକ୍ତ ଗ୍ରାମବାସୀ ଓ ଛାତ୍ର କଂଗ୍ରେସ କର୍ମୀ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସଭାପତି ବିଶୋଇ ଜେଇ ମହାରଣାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜେଇ ମହାରଣାଙ୍କୁ ପଚାରିବାରେ ସେ କିଛି କରିପାରିବେ ନାହଁ ବୋଲି ନିଜର ଅକ୍ଷମତା ପ୍ରକାଶ କରିଛନ୍ତି । ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଛନ୍ତି।

# ନୀଳମାଧବଙ୍କ ଦର୍ଶନ ପାଇଁ ଆସିଥିବା ମହିଳାଙ୍କୁ ଅସଦାଚରଣ

ଖଣ୍ଡପଡ଼ା,୧୨।୫(ସ୍ୱ.ପ୍ର.)

ନୟାଗଡ଼ ଜିଲା କଣ୍ଟିଲୋ ନୀଳମାଧବଙ୍କ ପୀଠକୁ ଆସିଥିବା ଜଣେ ବଙ୍ଗୀୟ ମହିଳା ପର୍ଯ୍ୟଟନଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

ଅଭିଯୋଗ ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଅଞ୍ଚଳର ଜଣେ ମହିଳା ପର୍ଯ୍ୟଟକ ପରିବାର ସହ ଏକ କାରରେ ନୀଳମାଧବଙ୍କୁ ଦର୍ଶନ କରିବାକୁ ଆସିଥିଲେ। ମନ୍ଦିରରେ ବିଗ୍ରହମାନଙ୍କୁ ଦର୍ଶନ କରିବା ପରେ ଉତ୍ତର ପାର୍ଶ୍ୱ ପାହାଚ ଦେଇ ମହାନଦୀ ତଟକୁ ଶୌଚାଦି ଉଦ୍ଦେଶ୍ୟରେ ଯାଇଥିଲେ । ମାତ୍ର ନଦୀକୂଳରେ ଗହଳି ଦେଖି ସମ୍ପୃକ୍ତ ମହିଳା ନଦୀକୂଳରେ ଥିବା ଏକ ବାଉଁଶ ଗଛ ପାଖକୁ ଯାଇଥିଲେ । ଏହି ସମୟରେ ଜଣେ ଯୁବକ ତାଙ୍କୁ ଏକା ଦେଖି ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସେ ପୋଲିସରେ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଅପରପକ୍ଷେ ଉକ୍ତ ଘଟଣାକୁ ଇତିମଧ୍ୟରେ ୩ ଦିନ ବିତିଯାଇଥିଲେ ମଧ ପୋଲିସ ପ୍ରକୃତ ଅଭିଯୁକ୍ତଙ୍କୁ ଠାବ କରିବାରେ ସକ୍ଷମ ହୋଇନାହିଁ । ଏହାକୁ ନେଇ ପୂଜକ ସମାଜ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ପୋଲିସ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂଜକ ସମାଜର ସଭାପତି ସଚ୍ଚିଦାନନ୍ଦ ମିଶ୍ର ଓ ସମ୍ପାଦକ ନୀଳମାଧବ ମିଶ୍ର ଦାବି କରିଛନ୍ତି ।

## ୧୬ କୁଇଣ୍ଟାଲ ଭାଙ୍ଗ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ସହ ଜବତ ଭାଙ୍ଗ ଓ ପିକଅପ୍ ଭ୍ୟାନ ।

ଆର.ଉଦୟଗିରି,୧୨।୫(ଡି.ଏନ.ଏ.):

ଆର.ଉଦୟଗିରି ପୋଲିସ ରଣାଲଇ ଛକ ନିକଟରୁ ୧୬ କୁଇଣ୍ଟାଲ ୫୮ କିଲୋଗ୍ରାମ ଭାଙ୍ଗ ଜବତ କରିଛି। ବେଆଇନ ଭାଙ୍ଗ ଚୋରାଚାଲାଣ ଅଭିଯୋଗରେ ପୋଲିସ ମୁନିକାଡିଅ ଗ୍ରାମର କୁଶ ରଇଚକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ନଂ. ୫୩/୨୩ରେ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ଅମର କୁମାର ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଛେଳାଗଡ ଓ ମହେନ୍ଦ୍ରଗଡ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଭାଙ୍ଗ ଚାଲାଣ ହେଉଥିବା ଖବର ପାଇଥିଲେ। ସନ୍ଦେହରେ ପୋଲିସ ମୋହନା ବ୍ଲକ ବାଘମାରି ପଟୁ ଆସୁଥିବା ପିକ୍‌ଅପ ଭ୍ୟାନ୍ (ନଂ ଓଆର୍ ବି - ୨୦୭୯)କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୪୭ବସ୍ତା ଭାଙ୍ଗ ଥିବା ଜଣାପଡ଼ିଥିଲା। ପୋଲିସ ଗାଡ଼ିରେ ଥିବା ଭାଙ୍ଗକୁ ଜବତ କରିବା ସହ ଚୋରା ଚାଲାଣ ଅଭିଯୋଗରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଥିଲା।

# ମ୍ୟୁଟେଶନ କେସ୍‌କୁ ନେଇ ବିବାଦ

ନୟାଗଡ଼ ଅଫିସ/ ରଣପୁର,୧୨।୫(ସ୍ୱ.ପ୍ର.)

■ମହିଳା ଆଇନଜୀବୀଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ
■ତହସିଲ କାର୍ଯ୍ୟାଳୟରେ ପଶି କର୍ମଚାରୀ, ତହସିଲଦାରଙ୍କୁ ଧମକ ଅଭିଯୋଗ ରଣପୁର ତହସିଲଦାର, ଆଇନଜୀବୀଙ୍କ ନାମରେ ପୃଥକ୍ ମାମଲା

ନୟାଗଡ଼ ଜିଲା ରଣପୁର ତହସିଲରେ ଏକ ମ୍ୟୁଟେଶନ କେସ୍‌କୁ ନେଇ ତହସିଲଦାର ଓ ମହିଳା ଆଇନଜୀବୀଙ୍କ ମଧ୍ୟରେ ଶୁକ୍ରବାର ବିବାଦ ଦେଖା ଦେଇଛି। ଖମାରସାହିର ଆଇନ୍‌ଜୀବୀ ଲିତାଞ୍ଜଳି ସାହୁ(୫୨)ଙ୍କୁ ରଣପୁର ତହସିଲଦାର ଦୁର୍ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳା ଆଇନଜୀବୀ ରଣପୁର ଥାନାରେ ଏତଲା ଦେଇ ନ୍ୟାୟ ମାଗିଛନ୍ତି। ସେହିପରି ରଣପୁର ତହସିଲଦାର ଇପସିତା ସାହୁ ମହିଳା ଆଇନଜୀବୀ କାର୍ଯ୍ୟାଳୟରେ ପଶି କର୍ମଚାରୀ ଓ ତାଙ୍କୁ ଧମକ ଦେଇଥିବା ନେଇ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।

ମହିଳା ଆଇନଜୀବୀ ସାହୁ କୁହିଛନ୍ତି, ରଣପୁର ସିଭିଲ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜଣେ ମହକିଲଙ୍କର ଜମି ପଟା ସଂଶୋଧନ ପାଇଁ ଶୁକ୍ରବାର ରଣପୁର ତହସିଲ କୋର୍ଟକୁ ଯାଇଥିଲି। ଶୁକ୍ରବାର ସମ୍ପୃକ୍ତ ମ୍ୟୁଟେଶନ କେସ୍‌ର ଶୁଣାଣି ଥିଲା। ତହସିଲଦାର ମୋତେ ଆଇନଜୀବୀ ବୋଲି ଜାଣି ମଧ ଦୁର୍ବ୍ୟବହାର ଓ ଔଦ୍ଧତ୍ୟ ଆଚରଣ ଦେଖାଇ ମ୍ୟୁଟେଶନ କେସ୍‌ର ଶୁଣାଣି ହୋଇପାରିବ ନାହିଁ ବୋଲି କୋର୍ଟରୁ ଚାଲି ଯାଅ କହିଥିଲେ। ଆଇନଜୀବୀ ସୁବାସ ଜେନା ଓ ତାପସ ଚକ୍ରବର୍ତ୍ତୀ, କେତେଜଣ ଲୋକ, ଅଫିସ କର୍ମଚାରୀଙ୍କ ସମ୍ମୁଖରେ ଏଭଳି ବ୍ୟବହାର ମୋତେ କଷ୍ଟ ଦେବା ସହ ଖରାପ ଲାଗିଛି। ଏଣୁ ଥାନାରେ ଅଭିଯୋଗ କରିବା ସହ ରଣପୁର ବାର ଆସୋସିଏଶନକୁ ଜଣାଇଛି। ବାର୍ ଆସୋସିଏଶନର ସଭାପତି ଗିରିଜା ଶଙ୍କର ମହାପାତ୍ର କୁହିଛନ୍ତି, ମହିଳା ଆଇନଜୀବୀଙ୍କୁ ଖରାପ ବ୍ୟବହାର ଦେଖାଇବା ପରେ ବାର ଆସୋସିଏଶନର ବୈଠକ ବସିଥିଲା। ରଣପୁର ତହସିଲଦାରଙ୍କ କାର୍ଯ୍ୟକଳାପ ନେଇ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ବାର ଆସୋସିଏଶନ, ଜିଲାପାଳ, ଉପଜିଲାପାଳଙ୍କୁ ଅବଗତ କରାଯାଇଛି। ସାଧାରଣତଃ ସିଭିଲି କୋର୍ଟ ଅର୍ଡର ପରେ ପଟ୍ଟା ସଂଶୋଧନ ହୋଇଯିବାର ନିୟମ ରହିଛି। କିନ୍ତୁ ପଟ୍ଟା ସଂଶୋଧନ ନ ହୋଇ ପଡ଼ି ରହିବାରୁ ମହିଳା ଆଇନଜୀବୀ ପୂର୍ବାହ୍ନରେ ଜଣେ ମହକିଲଙ୍କର ମ୍ୟୁଟେଶନ କେସ୍‌ର ଶୁଣାଣି ପାଇଁ ଯାଇଥିଲେ। ସେଠାରେ ରଣପୁର ତହସିଲଦାର ମହିଳା ଆଇନଜୀବୀଙ୍କୁ ଦୁର୍ବ୍ୟବହାର ଦେଖାଇବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ରଣପୁର ତହସିଲଦାର ସାହୁଙ୍କୁ ପଚାରିବାରେ ଶୁକ୍ରବାର ମ୍ୟୁଟେଶନ କେସ୍‌ର ଶୁଣାଣି ହେବାକୁ ଥିବା ପକ୍ଷ ଆସି ନ ଥିଲେ। ମ୍ୟୁଟେଶନ କେସର ସମୟ ୭ ଦିନ ଥିବାବେଳେ ମାତ୍ର ୩ ଦିନରେ ଶୁଣାଣି ହୋଇପାରିବ ନାହିଁ ବୋଲି କହିଥିଲି। ଏପରିକି ପକ୍ଷଙ୍କୁ ସାଙ୍ଗରେ ଧରି ଆସିବାକୁ ପରାମର୍ଶ ଦେଇଥିଲି। ତେବେ ମହିଳା ଆଇନଜୀବୀ କାର୍ଯ୍ୟାଳୟର ମହିଳା, ପୁରୁଷ କର୍ମଚାରୀଙ୍କୁ ଧମକାଇ ଥିଲେ। ଏହାର ପ୍ରତିବାଦ କରିବାରୁ ମୋତେ ବି ଖରାପ ବ୍ୟବହାର ଦେଖାଇଥିଲେ। ମହିଳା ଆଇନଜୀବୀଙ୍କୁ ଖରାପ ବ୍ୟବହାର ମୁଁ ଦେଖାଇ ନାହିଁ। ପରେ ଅଯଥାରେ ମୋତେ ବଦନାମ କରିବାକୁ ରଣପୁର ଥାନାରେ ଅଭିଯୋଗ କରାଯାଇଛି। କାର୍ଯ୍ୟରେ ଯୋଗ ଦେବା ପରେ ଲୋକ କିଭଳି ନ୍ୟାୟ ପାଇବେ ସେଥି ପାଇଁ ଗୁରୁତ୍ୱ ଦେଇ କାମ କରୁଛି। ଅପରପକ୍ଷେ ମହିଳା ଆଇନଜୀବୀଙ୍କ ସ୍ୱାମୀଙ୍କ ଏକ ସହଜ ଜନସେବା କେନ୍ଦ୍ର ଅଛି। କିଛିବର୍ଷ ହେଲା ୮୦ ହଜାର ସରକାରୀ ଦେୟ ବାକି ରହିଛି। ତୁରନ୍ତ ବକେୟା ଦେୟ ପଇଠ କରିବାକୁ ନୋଟିସ୍ କରାଯାଇଛି। ନଚେତ ସହଜ ଜନସେବା କେନ୍ଦ୍ରକୁ କାହିଁକି ବନ୍ଦ କରା ନ ଯିବ ସେନେଇ ପଦକ୍ଷେପ ନିଆଯିବ କୁହାଯାଇଛି। ସହଜ ଜନସେବାର ରାଗକୁ ମୋ ଉପରେ ପରିଷୋଧ କରାଯିବାକୁ ଉଦ୍ୟମ ହୋଇଥିବା ଅନୁଭବ କରୁଛି ବୋଲି ସେ କହିଛନ୍ତି। ତେବେ ମୁଁ ଠିକ୍‌ରେ ଥିବାରୁ ଥାନାରେ ଅଭିଯୋଗ କରିଛି ବୋଲି ଦର୍ଶାଇଛନ୍ତି। ଆଇଆଇସି ନିହାର ରଞ୍ଜନ ମହାନ୍ତିଙ୍କୁ ପଚାରିବାରେ ମହିଳା ଆଇନଜୀବୀ ଓ ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୧୨୬/୨୩, ୧୨୭/୨୩ରେ ପୃଥକ ମାମଲା ରୁଜୁ କରାଯାଇଛି। ଏ ନେଇ ଉଭୟ ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୋଡ଼ିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ୫ ଗାଁ ଅନ୍ଧକାର

ଧର୍ମଶାଳା,୧୨।୫(ଡି.ଏନ.ଏ.): ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତ ଗରଗଲିଶଙ୍ଖ ଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ବୁଧବାର ପୋଡ଼ିଛି । ଫଳରେ ଏହି ଟ୍ରାନ୍ସଫର୍ମର ଉପରେ ନିର୍ଭର କରୁଥିବା ୫ ଗାଁ ଲୋକେ ରାତିରେ ଅନ୍ଧାରରେ ରହିଛନ୍ତି। ବଡ଼ଚଣା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ରହିଥିବା ବେଳେ ଆଜି ଦିନ ୨ଟା ସମୟରେ ହଠାତ୍ ବିଦ୍ୟୁତ୍ ଶଟସର୍କିଟ ଘଟି ଟ୍ରାନ୍ସଫର୍ମରଟି ପୋଡିଯାଇଥିଲା । ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଏବେ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଗୁଳୁଗୁଳି ଲାଗିରହିଛି । ଏହି ସମୟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବା ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ଯଥାଶିଘ୍ର ଏଠାରେ ନୂତନ ଟ୍ରାନ୍ସଫର୍ମର ଲଗାଇବାକୁ ଦାବି ହୋଇଛି ।

### ଚୋରା ଶାଗୁଆନ କାଠ ଜବତ

ଜେନାପୁର,୧୨।୫(ଡି.ଏନ.ଏ.): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବାରକଣା ଗ୍ରାମରେ ବନ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ବହୁ ପରିମାଣର ଶାଗୁଆନ କାଠ ଜବତ କରାଯାଇଛି । ଗ୍ରାମର ସୁଦର୍ଶନ ସାହୁଙ୍କ ଘରେ ଚଢ଼ାଉ କରି ୪୮ଖଣ୍ଡ (୧୯ ସିଏଫ଼ଟି) ଶାଗୁଆନ କାଠ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହିସବୁ କାଠ କେନ୍ଦୁଝର, ଢେଙ୍କାନାଳ, ଭୁବନ ଆଦି ଅଞ୍ଚଳରୁ ଚୋରାରେ ଆସି କାଠ ବେପାରୀମାନଙ୍କୁ କମ ଦାମରେ ଯୋଗାଇ ଦିଆଯାଇଥାଏ । ଚଢ଼ାଉ ବେଳେ ସୁଦର୍ଶନ ଫେରାର ହୋଇଯାଇଥିଲେ । ଜବତ କାଠ ବୈରୀ କାର୍ଯ୍ୟାଳୟକୁ ନିଆଯାଇଛି।

### ଦଶରଥପୁର ବ୍ଲକରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଯାଞ୍ଚ

ଦଶରଥପୁର/ଯାଜପୁର ଅଫିସ, ୧୨।୫(ଡି.ଏନ୍.ଏ.): ବିଭିନ୍ନ ସରକାରୀ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଦଶରଥପୁର ବ୍ଲକକୁ ମିଳିଥିବା ଅନୁଦାନରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଆସୁଥିଲା। ୨୦୨୦-୨୧ରେ ହେଭି ରେନ୍ ଯୋଜନା ସମେତ ଅନ୍ୟାନ୍ୟ ଯୋଜନାରେ ଏହି ବ୍ଲକକୁ ପ୍ରାୟ ୫.୫ କୋଟି ଟଙ୍କା ଅନୁଦାନ ମିଳିଥିବା ବେଳେ ଅଦ୍ୟବଧି ସେହି ଯୋଜନାରେ ୧ କୋଟି ୨୦ ଲକ୍ଷ ଟଙ୍କାର ହିସାବ ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ନାହିଁ। ଫଳରେ ୬୦ରୁ ଉର୍ଦ୍ଧ୍ୱ କାମ ଶେଷ ହୋଇଥିଲେ ମଧ ଠିକାଦାର ସେମାନଙ୍କ ପ୍ରାପ୍ୟ ପାଇପାରି ନାହାନ୍ତି। ସେହିପରି ଅନ୍ୟାନ୍ୟ ଯୋଜନାରେ ମଧ ବହୁ କୋଟି ଟଙ୍କାର ଅନୁଦାନ ମିଳିଥିଲା। ଯାହାର କ୍ୟାସ୍ ବୁକ୍ ସହିତ ବ୍ୟାଙ୍କ ଆକାଉଣ୍ଟର ତାଳମେଳ ରହୁନାହିଁ। ବ୍ଲକରେ ଏଭଳି ଅନିୟମିତତା ସମ୍ପର୍କରେ ଲୋକାଲ ଫଣ୍ଡ ଅଡିଟ୍‌ରେ ଜଣାପଡିବାପରେ ଲୋକାଲଫଣ୍ଡ ଅଡିଟରଙ୍କ ପକ୍ଷରୁ ଅଧିକ ତଦନ୍ତ ନିମନ୍ତେ ଭିଜିଲାନ୍ସ ବିଭାଗକୁ ଅନୁରୋଧ କରାଯାଇଥିଲା। ଯାହାକୁ ଭିତ୍ତିକରି ଶୁକ୍ରବାର କଟକସ୍ଥିତ ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣେ ଡିଏସ୍‌ପି ଓ ଇନ୍ସପେକ୍ଟର ମିଳିତଭାବେ ତଦନ୍ତ ଜାରି ରଖିଥିଲେ। ଏହି ତଦନ୍ତରେ ୩୧ ଲକ୍ଷ ଟଙ୍କାର ହେରଫେର ହୋଇଥିବାର ପ୍ରମାଣ ପାଇଥିବା ଶୁଣିବାକୁ ମିଳିଛି। ଆସନ୍ତା ସୋମବାର ମଧ ଏହି ଚଢାଉ ଜାରି ରହିବ ବୋଲି ସୂଚନା ମିଳିଛି ।

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବାଲିଚନ୍ଦ୍ରପୁର,୧୨।୫(ସ୍ୱ.ପ୍ର.)-କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ଥାନା ମାଓବାଦୀ ପ୍ରବଣ ଅଞ୍ଚଳ ଭଣ୍ଡରଙ୍ଗି କ୍ୟାମ୍ପରେ ନିୟୋଜିତ ଯବାନ ତୁଷାରକାନ୍ତ ଦାସ (୨୮) କାର୍ଯ୍ୟରତ ସମୟରେ ମୃତ୍ୟୁ ଘଟିଥିଲା। ତୁଷାରକାନ୍ତ ହେଉଛନ୍ତି ଯାଜପୁର ଜିଲା ବଡ଼ଚଣା ବ୍ଲକ ବଡ଼ବାଲିକୁଦା ଗ୍ରାମର କଳ୍ପତରୁ ଦାସଙ୍କ ପୁଅ । ଦେଶ ମାତୃକାର ସେବା କରିବା ପାଇଁ ସେ ୪ ବର୍ଷ ତଳେ ସିଆରପିଏଫ୍‌ରେ ଯୋଗଦେଇଥିଲେ। ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ବଡ଼ଚଣା ବିକାଶ ପରିଷଦ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଲିଚନ୍ଦ୍ରପୁର ବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ଶହୀଦଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା ପରେ ଏହି ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା । ବଡ଼ଚଣା ବିକାଶ ପରିଷଦର ସମ୍ପାଦକ ସୁମନ୍ତ କୁମାର ଜେନା, ଅଜୟ କୁମାର ବଳ, ଭିମସେନ୍ ରାଉତ, ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ, କେଦାର ମିଶ୍ରଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

# ନିଯୁକ୍ତିରେ ଜାଲିଆତି, ତଦନ୍ତ ନିର୍ଦ୍ଦେଶ

## ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ

ଯାଜପୁର ଅଫିସ,୧୨।୫

ରାଜ୍ୟରେ ନକଲି ବିଏଡ୍/ସିଟି ଡିଗ୍ରୀଧାରୀ ଏବଂ ଜାତିଗତ ପ୍ରମାଣପତ୍ର ଜାଲିଆତି କରି ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇବା ଏବେ ସାଧାରଣ କଥା ହୋଇଛି। ଏନେଇ ଶିକ୍ଷା ବିଭାଗ ପକ୍ଷରୁ ବାରମ୍ବାର ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇ ଆସୁଥିଲେ ହେଁ ସେତେଟା ସଫଳତା ମିଳିପାରୁନାହିଁ। ଏବେ ପୁଣି ସ୍ନାତକୋତ୍ତର (ପିଜି/ଏମ୍ଏ) ମାର୍କଶିଟକୁ ଚଞ୍ଚକତା କରି ଅଧ୍ୟାପକ ସାଜିଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲା ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲରେ ୩ ଜଣ ଅଧ୍ୟାପିକା, ଅଧ୍ୟାପକ ଚଞ୍ଚକତା କରି ବ୍ଲକ ଗ୍ରାଣ୍ଟ ପାଉଥିବା ଅଭିଯୋଗ ଉପରେ ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଏଚ୍ଏସ୍ଇ) ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଜାରି ହୋଇଛି। ବିଭାଗୀୟ ଡେପୁଟି ଡାଇରେକ୍ଟର ୧୦।୫।୨୦୨୩ରେ ଉଭୟ ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କୁ ନେଇ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଆରଟିଆଇ(ସୂଚନା ଅଧିକାର ଆଇନ) ତଥ୍ୟ ବଳରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ପଲ୍ଲିଶ୍ରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ୩ ଜଣ ଅଧ୍ୟାପକ ଚଞ୍ଚକତା କରି ନିଯୁକ୍ତି ପାଇଥିବା ଜଣାପଡ଼ିଥିଲା । ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବସନ୍ତ କୁମାର ବିଶ୍ୱାଳ ଉଚ୍ଚ ମାଧ୍ୟମିକ ଶିକ୍ଷା(ଏଚ୍ଏସ୍ଇ) ନିର୍ଦ୍ଦେଶକଙ୍କୁ ୨୫।୧୧।୨୦୨୨ରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ମାମି ବଳୱନ୍ତ ରାୟ ୧୯୯୮ରେ ପିଜି(ପୋଷ୍ଟ ଗ୍ରାଜୁଏଟ) ଶିକ୍ଷା ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ ସେ ପଲ୍ଲିଶ୍ରୀ ମହିଳା କଲେଜରେ ପିଜି ଶିକ୍ଷା ପାଇବାର ଦୁଇବର୍ଷ ପୂର୍ବରୁ ୨୦।୧୨।୧୯୯୬ରେ ଅଧ୍ୟାପିକା ଭାବେ ଯୋଗଦେଇଥିଲେ। ଏହାସହ ଅଧ୍ୟାପିକା ପଦବୀ ପାଇଁ ଅନ୍ୟୂନ ୫୫% ମାର୍କର ଆବଶ୍ୟକତା ରହିଥିବାବେଳେ ସେ ପିଜି ପରୀକ୍ଷାରେ ୫୪.୩୭% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତେଣୁ ବିଭାଗୀୟ ଯାଞ୍ଚରେ ସେ କିପରି ନିଯୁକ୍ତି ପାଇଛନ୍ତି ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଇଂଲିଶ ଅଧ୍ୟାପକ ଭାବଗ୍ରାହୀ ମହାରଣାଙ୍କ ନିଯୁକ୍ତିକୁ ନେଇ କଲେଜର ପରିଚାଳନା କମିଟିର ସମ୍ପାଦକ ୨୦୦୯ରେ 'ଏ ଫର୍ମ'ରେ ସୁପାରିସ କରି ନ ଥିଲେ। ଅନ୍ୟଜଣେ ଇଂଲିଶ ଅଧ୍ୟାପକ ତାଙ୍କ ନାମକୁ 'ଏ ଫର୍ମ'ରେ ସୁପାରିସ କରିଥିବା ଆରଟିଆଇ ତଥ୍ୟରେ ଜଣାପଡ଼ିଥିଲା। ଏହାସହ ଅଧ୍ୟାପକ ମହାରଣା ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ଗଙ୍ଗପଡ଼ା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଇଞ୍ଜିନିୟରିଂ କଲେଜରେ ଇଂଲିଶ ବିଭାଗ ମୁଖ୍ୟ ଭାବେ ଚାକିରି କରୁଥିଲେ। କିନ୍ତୁ ଏହି କଲେଜରେ ତାଙ୍କୁ ୨୦୦୯ରେ କିପରି ନିଯୁକ୍ତି ମିଳିଲା ବୋଲି ପ୍ରଶ୍ନ ହୋଇଛି। ଏହାସହ ମହାରଣା ପିଜି ପରୀକ୍ଷାରେ ଆବଶ୍ୟକଠାରୁ ବହୁତ କମ୍ (୫୧%) ମାର୍କ ପାଇଛନ୍ତି। ଇତିହାସ ବିଭାଗର ଅଧ୍ୟାପିକା ନିରୁପମା ରାଉତଙ୍କ ନାମ ଏ ଫର୍ମରେ ସୁପାରିସ କରାଯାଇନାହିଁ। ଏହିମର୍ମରେ ଅନ୍ୟ ଜଣେ ଅଧ୍ୟାପିକା ସୁଚିତ୍ରା ମହାପାତ୍ର ଏଚ୍ଏସ୍ଇ ନିର୍ଦ୍ଦେଶକଙ୍କୁ ୫।୮।୨୦୨୨ ଓ ୨୪।୯।୨୦୨୨ରେ ଅଭିଯୋଗ କରିଛନ୍ତି। ୧।୫।୨୦୨୩ରେ ରାଜ୍ୟ ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରି କୈଳାସ ଚନ୍ଦ୍ର ବସ୍କେ ଅଞ୍ଚଳବାସୀଙ୍କ ଉକ୍ତ ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଛନ୍ତି।

ରାଜ୍ୟରେ ଏଭଳି ଅନେକ ଜାଲିଆତି ନିଯୁକ୍ତି ସମ୍ପର୍କରେ ଅଭିଯୋଗ ହେଉଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସରକାରୀସ୍ତରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀମାନେ ନକଲି ଶିକ୍ଷକ ଓ ଅଧ୍ୟାପକମାନଙ୍କ ସହ ଅସାଧୁ ମେଣ୍ଟ କରି ଦୁର୍ନୀତିକୁ ଘଣ୍ଟ ଘୋଡାଉଥିବା ଅଭିଯୋଗ ହୋଇଛି।

# କଳାପଥର ପରିବହନରେ ପ୍ରଦୂଷଣ ଉତ୍କଟ



ବରୋଦା ରୋଡ୍‌ରେ ରାସ୍ତାରୋକୋ ଯୋଗୁ ଅଟକି ରହିଥିବା ଟିପ୍ପର।

## ରାସ୍ତାରୋକୋ କଲେ ଅଞ୍ଚଳବାସୀ

ଯାଜପୁର ଅଫିସ/କବାଟବନ୍ଧ (ଡି.ଏନ୍.ଏ.),୧୨।୫

ଯାଜପୁର ଜିଲା ଧର୍ମଶାଳା ତହସିଲର କଳାପଥର କେଳେଙ୍କାରୀ ସହ ବାୟୁ ପ୍ରଦୂଷଣ ଏବେ ଚରମସୀମାରେ ପହଞ୍ଚିଛି। ଜିଲା ପ୍ରଶାସନ ପକ୍ଷରୁ ଏଭଳି ଅନିୟମିତତା ଏବଂ ମନମାନିକୁ ନିୟନ୍ତ୍ରଣ କରିବାରେ ସେଭଳି କିଛି ଠୋସ୍ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛନ୍ତି। ଏହିକ୍ରମରେ ପ୍ରଦୂଷଣରେ ଅତିଷ୍ଠ ଅଞ୍ଚଳବାସୀ ଶୁକ୍ରବାର ରାସ୍ତାରୋକୋ ଭଳି କାର୍ଯ୍ୟପନ୍ଥା ଆପଣାଇଛନ୍ତି।

ଚଣ୍ଡିଖୋଲ-ଡୁବୁରି ୫୩ ନମ୍ବର ଜାତୀୟ ରାଜପଥର ବରଡ଼ାଳ ଛକରୁ ତୁରଙ୍ଗ ରାସ୍ତାରେ ପ୍ରତିଦିନ ୩୦୦ରୁ ୪୦୦ ପର୍ଯ୍ୟନ୍ତ କଳାପଥର ବୋଝେଇ ଗାଡ଼ି ପରିବହନ ହେଉଛି। ଫଳରେ ଏହି ରାସ୍ତାରେ ଥିବା ମହିଶରା, ବରଡ଼ା, ଡଙ୍କାରୀ, ରମ୍ଭେଇ, ରାହାଡ଼ପୁର ପ୍ରଭୃତି ଗ୍ରାମବାସୀ ବାୟୁ ପ୍ରଦୂଷଣର ଶିକାର ହେଉଛନ୍ତି। ଏହି ରାସ୍ତାଦେଇ ଯିବା ଆସିବା କରିବା ସାଧାରଣ ଲୋକଙ୍କ ପକ୍ଷେ ସହଜ ହୋଇପାରିନାହିଁ। ବାୟୁ ପ୍ରଦୂଷଣରେ ବିଭିନ୍ନ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଛାତ୍ରୀଛାତ୍ରମାନେ ମଧ୍ୟ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଆବଶ୍ୟକ ପାଣି ସିଞ୍ଚନ କରି ଗାଡ଼ି ଚଳାଚଳ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ହେଁ କେହି ଶୁଣୁ ନାହାନ୍ତି। ଫଳରେ ଲୋକେ ବରଡା ଗ୍ରାମରେ ଅପରାହ୍ନ ୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗାଡ଼ିଗୁଡିକୁ ଅଟକାଇଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ କଳାପଥର ବୋଝେଇ ଗାଡ଼ି ସହ ଅନ୍ୟ ଯାନବାହନ ଲମ୍ବାଧାଡିରେ ଠିଆ ହୋଇଥିଲା। ପ୍ରଶାସନ କିମ୍ବା କ୍ରଶର ମାଲିକ ସଂଘ ପକ୍ଷରୁ କେହି ଉପସ୍ଥିତ ନ ହେବାରୁ ଗାଁ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ। ପରବର୍ତ୍ତୀ ସମୟରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରଭାବିତ ଲୋକେ ଚେତାବନୀ ଦେଇଛନ୍ତି।

## ସବ୍‌ସିଡ୍‌ରେ ମିଳିବ କୃଷି, ଲଘୁ ଉଦ୍ୟୋଗ ଯନ୍ତ୍ରାଂଶ

ବିଞ୍ଝାରପୁର,୧୨।୫ (ଡି.ଏନ୍.ଏ.)

କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ସବୁ ସମୟରେ ଏହି ଯୋଜନାଗୁଡିକ ଲୋକଙ୍କ ହାତ ପାହାନ୍ତାରେ ପହଞ୍ଚି ପାରୁ ନ ଥିବାରୁ ଯୋଜନାର ସଫଳ ରୁପାୟନ ହୋଇପାରୁନାହିଁ । ରାଜ୍ୟ ସରକାର କୃଷି ଓ ଲଘୁ ଉଦ୍ୟୋଗ ଯନ୍ତ୍ରାଂଶ କ୍ରୟ ଉପରେ ବିଭିନ୍ନ ସବ୍‌ସିଡର ବ୍ୟବସ୍ଥା କରିଥିଲେ ମଧ୍ୟ ବିଞ୍ଝାରପୁର ଅଞ୍ଚଳର ଚାଷୀ ଓ ଲଘୁ ଉଦ୍ୟୋଗୀମାନେ ଦୂରଦୂରନ୍ତରୁ ଏହି ଯନ୍ତ୍ରାଂଶ କିଣିବାକୁ ଯିବାକୁ ପଡୁଥିଲା । ଫଳରେ ଚାଷୀ ଓ ଉଦ୍ୟୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏଭଳି ସମସ୍ୟା ଗୁରୁତ୍ୱ ଦେଇ ବିପିଏସ୍ ଆଗ୍ରୀ ମେସିନାରୀ ପକ୍ଷରୁ ଏକ ନୂତନ କୃଷି ଓ ଲଘୁ ଉଦ୍ୟୋଗୀ ଯନ୍ତ୍ରାଂଶ ବିକ୍ରୟ କେନ୍ଦ୍ର ବିଞ୍ଝାରପୁର ବ୍ଲକ ଅଧୀନ ବାଛୋଳଠାରେ ଉଦ୍‌ଘାଟିତ କରାଯାଇଛି । ଏହି କେନ୍ଦ୍ରକୁ ମୁଖ୍ୟଅତିଥି ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା ଦାସ, ବାଛୋଳ ସରପଞ୍ଚ କଳ୍ପନା ବେହେରା, ବ୍ଲକ କୃଷି ଅଧିକାରୀ ହେମନ୍ତ ସାମଲ, ସହକାରୀ କୃଷି ଅଧିକାରୀ ସଞ୍ଜୀବ ସାମଲ, ଆତ୍ମାର ପରିଚାଳକ ସୁମସେଦ ରଥ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଚାଷୀମାନଙ୍କୁ ବିଭିନ୍ନ ଯନ୍ତ୍ରାଶ ଉପରେ ୧୦ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସବ୍‌ସିଡ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିବା ସଂସ୍ଥାର ପ୍ରଯୋଜକ ପ୍ରକାଶ ରାଉତ ସୂଚନା ଦେଇଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ବହୁ ଚାଷୀ ଓ ଉଦ୍ୟୋଗୀମାନେ ଯୋଗଦେଇଥିଲେ ।

# ବଗପାଟିଆରେ ଡ୍ରେନେଜ୍ ବିଭାଗର ପ୍ରତିନିଧି ଦଳ



ବଗପଟିଆ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ଡ୍ରେନେଜ୍ ବିଭାଗର ପ୍ରତିନିଧି ଦଳ।

ରାଜନଗର, ୧୨।୫(ଡି.ଏନ.ଏ.)

୫ଟି ସଚିବ ଭି.କେ.ପାଣ୍ଡିଆନ ସାତଭାୟା ବାସୀଙ୍କ ଥଇଥାନସ୍ଥଳ ବଗପାଟିଆ ଗସ୍ତ କରିବାର ଗୋଟିଏ ଦିନ ପରେ ରାଜ୍ୟ ସରକାର ୨୨ କୋଟି ୫୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହାବାଦେ ୨ଦିନ ତଳେ ମା' ପଞ୍ଚୁବରାହୀ ମନ୍ଦିରକୁ ନୂଆ ରୂପ ଦେବା ପାଇଁ ଏସ୍.ଆଣ୍ଡ. ଜେ. କମ୍ପାନୀର ସ୍ଥପତି ଇଞ୍ଜିନିୟର ଓ ଅନ୍ୟ ପ୍ରତିନିଧି ଦଳ ସେଠାରେ ପହଞ୍ଚି ସର୍ଭେ କରିଥିଲେ। ଏହି ମନ୍ଦିରକୁ ନୂଆ ରୂପ ଦେବାକୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଡ୍ରେନେଜ ବିଭାଗର ପ୍ରତିନିଧି ଦଳ ଏହି ବଗପାଟିଆରେ ପହଞ୍ଚି ଥଇଥାନସ୍ଥଳରୁ କିପରି ବର୍ଷାଜଳ ନିଷ୍କାସନ ହେବ ଓ ଆଉ ଜଳ ନିଷ୍କାସନ ସମସ୍ୟା ରହିବ ନାହିଁ ସେ ନେଇ ସର୍ଭେ କରିଛନ୍ତି। କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବାଙ୍କ ବିହାରୀ ସାମଲ, ସହକାରୀ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଜେଠି, କନିଷ୍ଠଯନ୍ତ୍ରୀ ନିହାର ରାଉତରାୟ ପ୍ରମୁଖ ବଗପାଟିଆରେ ପହଞ୍ଚି ସର୍ଭେ କରିଥିଲେ। ସରପଞ୍ଚ ପ୍ରସନ୍ନ କୁମାର ପରିଡା, ମଙ୍ଗୁଳି ଚରଣ ଦାସ, କରୁଣାକର ସ୍ୱାଇଁ, ଅକ୍ଷୟ କୁମାର ଲେଙ୍କା ପ୍ରମୁଖ ଥଇଥାନସ୍ଥଳରେ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

# ଦୃଷ୍ଟି ଆଢୁଆଳରେ ଇନ୍ଦୁପୁରର ମା' ଚଣ୍ଡୀଙ୍କ ପୀଠ

## ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

କେନ୍ଦ୍ରାପଡ଼ା ଅଫିସ, ୧୧।୫

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ଶକ୍ତିପୀଠ କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଙ୍କ ପୀଠ ଏବେ ବି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ଅଛି। ନିକଟରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ଏହି ଜିଲା ଗସ୍ତ ସମୟରେ ଜିଲାର ଅନ୍ୟ ଧାର୍ମିକ ପୀଠ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ମା'ଙ୍କ ପୀଠ ଉନ୍ନୟନ ସମ୍ପର୍କରେ ଆଲୋକପାତ ହୋଇ ପାରିନାହିଁ। ଅପରପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଧର୍ମପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଉଦ୍ୟମ କରୁଥିବା ବେଳେ କେତେକ ପୀଠକୁ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଦେଇଛନ୍ତି। ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମସ୍ଥଳରେ ଶୋଭାବର୍ଦ୍ଧନ କରୁଥିବା ମା' ଚଣ୍ଡୀଙ୍କ ପୀଠ ଭକ୍ତି ଓ ବିଶ୍ୱାସର ଆରାଧନା ପୀଠ ଭାବେ ପ୍ରତିଷ୍ଠା ଅର୍ଜନ କରିଛି। ବାର ମାସରେ ତେର ପର୍ବ ଏଠାରେ ପାଳନ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରର ବିଶେଷତ୍ୱ ଅନେକ ଗୁରୁତ୍ୱ ବହନ କରୁଛି। ପ୍ରତ୍ୟହ ଏଠାକୁ ଜିଲା ଓ ବାହାର ଜିଲାରୁ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି।

ଏ ସମ୍ପର୍କରେ ଶ୍ରଦ୍ଧାଳୁ ତଥା ସାମାଜିକ କର୍ମୀ ଦେବାଶିଷ ସାମଲ କହିଛନ୍ତି, ବିରୂପା ନଦୀକୂଳରେ ଥିବା ଏହି ମନ୍ଦିରର ପାରିପାର୍ଶ୍ୱିକ ପରିବେଶ ଅତି କମନୀୟ। ବିଶେଷକରି ମହାବାରୁଣୀ ସ୍ନାନ ସମୟରେ ଏହି ପୀଠଟି ସପ୍ତାହେ ବ୍ୟାପୀ ଉତ୍ସବମୁଖର ହୁଏ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ପୀଠରେ ହୋଇଥାଏ। ସେହିପରି ବିଷୁବ ସଂକ୍ରାନ୍ତିଠାରୁ ବୃଷ ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରତ୍ୟହ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ମାସ ସାରା ମାନସିକଧାରୀମାନେ ମାନସିକ ପୂରଣ ପରେ ଗୁରୁବାର ମଣ୍ଡାପିଠା ଭୋଗ କରି ମା'ଙ୍କ ନିକଟରେ ସମର୍ପଣ କରିଥା'ନ୍ତି। ରଜ ସଂକ୍ରାନ୍ତି, ଦଶହରା, କାର୍ତ୍ତିକ ମାସର ରାହାସ ଉତ୍ସବ, ଶିବରାତ୍ରି, ଦୋଳପର୍ବରେ ପୀଠର ସ୍ୱତନ୍ତ୍ରତା ବାରି ହୋଇପଡ଼େ।





ଇନ୍ଦୁପୁରର ମା' ଚଣ୍ଡୀଙ୍କ ପୀଠ।

ଏହି ପୀଠକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ମିଳିଲେ ପାରିପାର୍ଶ୍ୱିକ ସମସ୍ୟାର ସମାଧାନ ହୋଇପାରିବ। ଗବେଷକ ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ମା' ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ବିଶେଷ କିଛି ଲିଖିତ ତଥ୍ୟ ନାହିଁ। ତେବେ ନିର୍ମାଣ ଶୈଳୀକୁ ଅନୁଧ୍ୟାନ କଲେ ମରହଟ୍ଟା ଶାସନ ସମୟର କଳାକୃତି ଦେଖିବାକୁ ମିଳୁଛି। ବଙ୍ଗୋପସାଗର ସହ ସଂଯୋଗ ଥିବା ବିରୂପା, ବ୍ରାହ୍ମଣୀ, କେଲୁଅ ନଦୀର ସଙ୍ଗମସ୍ଥଳରେ ଏହି ପୀଠ ଅଛି। ଏହି ନଦୀ ମାଧ୍ୟମରେ ମରହଟ୍ଟା ଶାସକଙ୍କ ବ୍ୟବସାୟ ଡଙ୍ଗା ମାଧ୍ୟମରେ ହେଉଥିଲା। ଘନ ଜଙ୍ଗଲଘେରା ଏହି ନଦୀପଠାରେ ନୌବାଣିଜ୍ୟକୁ ସମୃଦ୍ଧ କରୁଥିବାରୁ ଏଠାରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିବା ଜଣାଯାଏ। ଶିକ୍ଷାବିତ୍ ପ୍ରଣବ କୁମାର ଜେନା, ତ୍ରିଲୋଚନ ଜେନା ପ୍ରମୁଖ କହିଛନ୍ତି, ଜିଲା ସଦର ମହକୁମାଠାରୁ ପୀଠର ଦୂରତା ମାତ୍ର ୧୨ କିଲୋମିଟର। ପୀଠ ଆରପଟ ଯାଜପୁର ଜିଲା ସହ ଯୋଡ଼ି ହୋଇଛି। ଧାର୍ମିକ ପୀଠ ଭାବେ ଯେଉଁ ପରି ଗୁରୁତ୍ୱ ଦିଆଯିବା କଥା, ତାହା ଏଯାଏ ପ୍ରଶାସନିକ ସ୍ତରରେ ଉଦ୍ୟମ ହୋଇନାହିଁ। ଏହି ପୀଠକୁ ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିବା ପାଇଁ ସ୍ଥାନୀୟ ଅଞ୍ଚଳର ବୀରବର ଜେନା, ଲିଙ୍ଗରାଜ ଜେନା, ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଉଦ୍ୟମ ଆରମ୍ଭ ନ ହେଲେ ଜିଲାର ଏକ ବୁଦ୍ଧିଜୀବୀ ସମୂହ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବେ ବୋଲି ମତ ରଖିଛନ୍ତି। ଇନ୍ଦୁପୁର ଆଞ୍ଚଳିକ ଯୁବ ପରିଷଦର କର୍ମକର୍ତ୍ତା ସାଗର କୁମାର ଜେନା, ଚନ୍ଦନ କୁମାର ସାହୁ ପ୍ରମୁଖ ପୀଠର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ମା' ଚଣ୍ଡୀପୀଠର ଉନ୍ନୟନ ପାଇଁ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଛି। ଖୁବ୍‌ଶୀଘ୍ର ପୀଠର ଉନ୍ନତି ଆସିବ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶୋକ



@ ସୌମ୍ୟରଞ୍ଜନ



@ ଶ୍ରୀକାନ୍ତ



@ ରଞ୍ଜିତ



@ ଭରତ



@ କେତନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡଙ୍ଗାବୁଡ଼ି ପରେ ବି ହଟିଲାନି ଭଙ୍ଗା ଚାପଡଙ୍ଗା

ନୟାଗଡ ଅଫିସ,୧୨।୫

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳସ୍ଥିତ ଲଡୁବାବାଙ୍କ ଚାପ ଡଙ୍ଗା ଓଲଟି ପଡିବା ପରେ ବି ଭଙ୍ଗା ଚାପ ଡଙ୍ଗା ହଟାଇବାରେ ଦେବୋତ୍ତର ବିଭାଗ ବିଫଳ ହୋଇଛି। ନୂଆ ଡଙ୍ଗା ପାଇଁ ଶାଳ କାଠ ମିଳୁ ନ ଥିବାବେଳେ ବନ ବିଭାଗ କାଠ ଦେବାକୁ ରାଜି ହେଉନି କହି ଚୁପ ବସିଛି। ସେପଟେ ୧୭ ବର୍ଷ ତଳର ଭଙ୍ଗା ଚାପ ଡଙ୍ଗାରେ ୩୦ରୁ ଊର୍ଦ୍ଧ୍ୱ ଲୋକ ବସି ରାତିରେ ଲଡୁବାବାଙ୍କୁ ଚାପ ଖେଳାଉଛନ୍ତି।

୨୦୨୨ ମେ ୨୩ ରାତିରେ ଲଡୁବାବାଙ୍କ ପୀଠରେ ଚାପ ଠଙ୍ଗା ଚନ୍ଦନ ପୁଷ୍କରିଣୀରେ ଓଲଟି ପଡିଥିଲା। ୨୧ ଘେରା ଚାପ ଖେଳିବାକୁ ଥିବାବେଳେ ୨୦ ତମ ରାଉଣ୍ଡ ଚାପ ଖେଳ ବେଳେ ଓଲଟିଥିଲା। ପୋଖରୀର ୫ ଫୁଟ ପାଣିରେ ପାହାଚ ପାଖରେ ଡଙ୍ଗା ଓଲଟି ପଡିଥିବାରୁ କିଛି ଅଘଟଣ ହୋଇ ନ ଥିଲା। ତେବେ ଚାପ ଖେଳ ଡଙ୍ଗାରେ ସେବାସୀ, ମନ୍ଦିର ସୁପରଭାଇଜରଙ୍କ ସମେତ ୩୩ଜଣ ଡଙ୍ଗା ବୁଡି ସମୟରେ ଥିଲେ। ଚାପ ଡଙ୍ଗାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କିଏ ବସିବାର ଅନୁମତି ଦେଇଥିଲା ବୋଲି ଡଙ୍ଗା ବୁଡ଼ି ପରେ ପ୍ରଶ୍ନ ଉଠିଥିଲା। ଅନ୍ୟପକ୍ଷେ ୨୦୦୬ ମସିହାରେ ଡଙ୍ଗା ନିର୍ମାଣ କରାଯାଇଥିବାବେଳେ ଆଉ ନୂଆ ଡଙ୍ଗା ବଦଳା ଯାଇ ନ ଥିଲା। ଡଙ୍ଗାରେ ପାଣି ପଶୁଥିଲେ ମଧ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ସେ ସମୟରେ ତତ୍କାଳୀନ ଉପଜିଲାପାଳ ଲଗ୍ନଜିତ ରାଉତ ମନ୍ଦିର ପରିଚାଳକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ପରେ ଏ ଦିଗରେ ଆଉ ପଦକ୍ଷେପ ନିଆଯାଇନାହିଁ। ଡଙ୍ଗାବୁଡ଼ିର ୧ବର୍ଷ ପରେ ବି କିଛି ପଦକ୍ଷେପ ନିଆଯାଇନାହିଁ। ଏଭଳିସ୍ଥଳେ ଚଳିତବର୍ଷ ଚାପ ଡଙ୍ଗାରେ ପୁଣି ୩୦ରୁ ଊର୍ଦ୍ଧ୍ୱ ଲୋକ ବସୁଥିବା ଦେଖା ଯାଇଛି। ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଉନାହିଁ। ସେହିଭଳି ନୟାଗଡ ପୁରୁଣା ସହରର ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ସାଙ୍ଗରେ ନୟାଗଡ଼ର ରାଧାମୋହନ, ରାଧାନାଥ, ରାମେଶ୍ୱର, ସପନେଶ୍ୱର, ରଘୁନାଥ, ଗୋପୀନାଥ, ବିଶ୍ୱନାଥ ଓ ଆଖଣ୍ଡଳମଣୀଙ୍କୁ ଧରି ନୟାଗଡ଼ ସାଗର ପୋଖରୀରେ ଚାପ ଖେଳୁଛନ୍ତି। ଏଠାର ଡଙ୍ଗା ମଧ ବହୁ ପୁରୁଣା। ଏହି ଡଙ୍ଗାକୁ ବି ନୂଆ କରାଯାଉନାହିଁ। ଚାପ ଡଙ୍ଗାରେ ୩୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଲୋକଙ୍କୁ ନେଇ ଚାପ ଖେଳା ଯାଉଥିବା ନେଇ ପଚାରିବାରୁ ଶରଣକୁଳ ଲଡୁବାବା ମନ୍ଦିରର ସୁପରଭାଇଜର ସୁବାସ ବରାଡ କିଛି ନ କହି ଏଡାଇ ଯାଇଥିଲେ। ପରେ ସବୁ କିଛି ନିୟମ ଅନୁସାରେ ହେଉଛି ବୋଲି କହି ନୀରବତା ଅବଲମ୍ୱନ କରିଥିଲେ। ନୟାଗଡ଼ ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ନୟାଗଡ଼ ବନ ବିଭାଗ ଶାଳ କାଠ ଦେବାକୁ ମନା କରୁଛି। ପୁରୀ ଓ ଲିଙ୍ଗରାଜ ମନ୍ଦିରର ରଥ ନିର୍ମାଣକୁ ଛାଡ଼ି ଦେଲେ ଅନ୍ୟ ମନ୍ଦିରକୁ କାଠ ଦିଆଯିବା ପାଇଁ ନିୟମ ନାହିଁ କହି ଏଡ଼ାଇ ଯାଉଛି। ଏଣୁ ନୟାଗଡ଼ ଡଙ୍ଗା ନିର୍ମାଣରେ ଅସୁବିଧା ହେଉଛି। ଭକ୍ତଙ୍କ ଦାନ କାଠରେ ଡଙ୍ଗା ନିର୍ମାଣ ହେଉଛି। ଏଭଳିସ୍ଥଳେ ପୁରୁଣା ଡଙ୍ଗାରେ ପ୍ରତିବର୍ଷ ଚାପ ଖେଳ ହେଉଛି। ତେବେ ଅଧିକ ସଂଖ୍ୟକ ଲୋକ ଚାପ ଡଙ୍ଗାରେ ନ ବସାଇବାକୁ କୁହାଯିବ ବୋଲି ସେ କହିଛନ୍ତି।


ପୁରୁଣା ଡଙ୍ଗାରେ ଠାକୁର ଚନ୍ଦନ ପୋଖରୀରେ ଚାପ ଖେଳୁଛନ୍ତି।

- ୧୭ ବର୍ଷ ତଳର ପୁରୁଣା ଡଙ୍ଗାରେ ଚାଲିଛି ଚାପଖେଳ
- ରାତିରେ ୩୦ରୁ ଊର୍ଦ୍ଧ୍ୱ ଲୋକ ବସି ଡଙ୍ଗାରେ ଯାଉଛନ୍ତି
- ଶାଳ କାଠ ମିଳୁ ନ ଥିବାରୁ ନୂଆ ଡଙ୍ଗା ନିର୍ମାଣ ହୋଇପାରୁନି

# 'ଶିକ୍ଷା ଆମର ବିବେକର ଜ୍ୟୋତି ପ୍ରଜ୍ୱଳିତ କରୁ'



ହୀରକ ଜୟନ୍ତୀ ଉତ୍ସବରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଅଧାପକ ବିଶ୍ୱରଞ୍ଜନ ଓ ଅନ୍ୟମାନେ।

ଭାପୁର,୧୨।୫(ଡି.ଏନ.ଏ.)

## ବଳଦିଆନୂଆଗାଁ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ବାଘୁଆପଲ୍ଲୀ ପଞ୍ଚାୟତ ବଳଦିଆନୂଆଗାଁ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାଦାନ ଛାତ୍ରଛାତ୍ରୀମାନଙ୍କୁ ଦିଗ୍ ଦର୍ଶନ ଦେଖାଯାଏ। ଏହି ପୁରାତନ ବିଦ୍ୟାଳୟର ଏକତା ରହିଛି ବୋଲି ୬୦ ବର୍ଷରେ ହୀରକ ଜୟନ୍ତୀ ପାଳନ କରୁଛନ୍ତି। ପୁଣି ୧୫ ବର୍ଷ ପରେ ପ୍ଲାଟିନମ ଜୁବୁଲି ଓ ଶହେ ବର୍ଷ ଏହି ବିଦ୍ୟାଳୟ ପାଳନ କରିବ ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ଆୟୋଜକ ବିଦ୍ୟାଳୟର କମିଟି ନିମନ୍ତ୍ରଣ କ୍ରମେ ସ୍ୱତନ୍ତ୍ର ଅତିଥି ଭାବେ କଟକ ଲୋକସଭା ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ବିଦ୍ୟାଳୟଟି ୬୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ଶିକ୍ଷା ଆମର ବିବେକର ଜ୍ୟୋତି ପ୍ରଜ୍ୱଳିତ କରୁ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ନିରୋଗ, ନିରହଙ୍କାରୀ, ନିରାଡମ୍ବର, ନିଶାମୁକ୍ତ ସମାଜ ରହିଲେ ତୁମେ ସବୁବେଳେ ବିଜୟୀ ହୋଇପାରିବ ବୋଲି ବିଧାୟକ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ବିଶ୍ୱରଞ୍ଜନ ଯୋଗଦେଇଥିଲେ। ଜୟନ୍ତୀ କମିଟି ସଭାପତି ଗୁଣନିଧି ଦାଶ, ଉପସଭାପତି ଭାବେ ପୂର୍ବତନ ସରପଞ୍ଚ ନବକିଶୋର ସାହୁ ଉପସ୍ଥିତ ରହି ବିଦ୍ୟାଳୟର ପ୍ରତିଷ୍ଠାତା ଯୋଗଜନ୍ମାଙ୍କୁ ମନେ ପକାଇଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଦାଧର ପଣ୍ଡା ବିବରଣୀ ପାଠ ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ଶେଷରେ ଜୟନ୍ତୀ ସଭାପତି କମିଟିର ସଭାପତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟକୁ ଅଧାପକ ସୁମନ୍ତ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅତିଥିମାନଙ୍କ ଉପସ୍ଥିତିରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଯେ, ୧୯୬୪ରେ ଏହି ଉଚ୍ଚ ବିଦ୍ୟାଳୟଟି ପ୍ରତିଷ୍ଠା ଲାଭ କରିଥିଲା। ଏଯାବତ ବିଦ୍ୟାଳୟରୁ ହଜାର ହଜାର ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ଦେଶ ବିଦେଶରେ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟ ପାଇଁ ଅଶେଷ ସୁନାମ ଅର୍ଜନ କରିଛନ୍ତି। ତେବେ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ଲୋକନୃତ୍ୟ ପରିବେଷଣ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ସାମାଜିକ ନାଟକ 'କାନ୍ଦେନା ଧନ କାନ୍ଦେନା' ପରିବେଷଣ କରାଯାଇଥିଲା।

## ପଶ୍ଚିମବଙ୍ଗ ଶ୍ରମିକଙ୍କ ନୟାଗଡ଼ରେ ମୃତ

ନୟାଗଡ଼ ଅଫିସ,୧୨।୫

ନୟାଗଡ଼ ବ୍ଲକର ଇଟାମାଟି ଥାନା ସୁନାଳଟି ବ୍ୟାରେଜ ନିର୍ମାଣରେ କାର୍ଯ୍ୟରତ ଜଣେ ପଶ୍ଚିମବଙ୍ଗ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅମାନ ମୁଣ୍ଡା(୫୧)। ଘର ପଶ୍ଚମବଙ୍ଗ ରାଜ୍ୟ ଜଲପାଇଗୁଡି ଜିଲା ମଦରିହାଟ ଥାନା ଟି ଗାର୍ଡେନ ଖନ୍ତାପଡ଼ା ଗାଁରେ। ଅମାନ ସୁନାଲଟି ବ୍ୟାରେଜରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ନିଖୋଜ ଥିଲେ। ସାଥୀ ଶ୍ରମିକ ଖୋଜି କରି ପାଇ ନ ଥିଲେ। ଶୁକ୍ରବାର ସୁନାଲଟି ନଦୀରେ ଚପଲ ଭାସିଥିଲା। ପରେ ଦମକଳ ସହଯୋଗରେ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ନଂ. ୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିହାରରୁ ୨ ନାବାଳିକା ଉଦ୍ଧାର

**ନୟାଗଡ଼ ଅଫିସ,୧୨।୫:** ନୟାଗଡ଼ ପୁରୁଣା ସହର ଓ ଅଶ୍ୱସ୍ତପଡ଼ାରୁ ନିଖୋଜ ହୋଇଥିବା ୨ ନାବାଳିକାଙ୍କୁ ନୟାଗଡ଼ ଟାଉନ ଥାନା ପୋଲିସ ବିହାରରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ୨ ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହାଜର ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ନାବଳିକା ଦ୍ୱୟ କିପରି ବିହାର ଗଲେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଶୋକ


@ ସୌମ୍ୟରଞ୍ଜନ


@ ଶ୍ରୀକାନ୍ତ


@ ରଞ୍ଜିତ


@ ଭରତ


@ କେତନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମା'ଦକ୍ଷିଣକାଳୀଙ୍କ ମନ୍ଦିରର ରତ୍ନମୁଦ ପଡ଼ିଲା

ଭାପୁର, ୧୨।୫(ଡି.ଏନ.ଏ.)

ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ଅଧୀନ ଯଶୋବନ୍ତପୁର ଗ୍ରାମ ମା' ଦକ୍ଷିଣ କାଳୀ ମନ୍ଦିରର ରତ୍ନମୁଦ ପଡ଼ବା ଲାଗି ପୂଜାର୍ଚ୍ଚନା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ନବ ନିର୍ମିତ ଏହି ମନ୍ଦିରର ରତ୍ନମୁଦ ଲାଗି ପୂଜାର୍ଚ୍ଚନା ହୋଇଥିଲା। ସକାଳେ ମାନସିକ ବ୍ରତଧାରୀ ମହିଳାପୁରୁଷ ମହାନଦୀରୁ କଳସ ଯାତ୍ରା କରି ମନ୍ଦିର ନିକଟରେ ପୂଜା ସ୍ଥଳରେ କଳସ ସ୍ଥାପନ କରିଥିଲେ। ଅଧିବାସ ଓ ସୂର୍ଯ୍ୟ ପୂଜା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ପୂଜାର୍ଚ୍ଚନାରେ ପଣ୍ଡିତ କେଳୁଚରଣ ନନ୍ଦ, ପଣ୍ଡିତ ପ୍ରମୋଦ କୁମାର ନନ୍ଦ ଓ ବଜ୍ରବନ୍ଧୁ ଆଚାର୍ଯ୍ୟ କରିଥିଲେ। କର୍ତ୍ତା ଭାବେ ଗ୍ରାମର ମଧୁସୂଦନ ରାଉତ ଓ ପତ୍ନୀ ନୀଳମଣି ଦାୟିତ୍ୱ ତୁଲାଇ ଥିଲେ। ଏହି ରତ୍ନମୁଦ କାର୍ଯ୍ୟକ୍ରମରେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ ରଞ୍ଜିତ କୁମାର ମଲ୍ଲିକ, ସମିତି ସଭ୍ୟ କାହ୍ନୁଚରଣ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛି, ବ୍ଲକର ବହୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଯଶବନ୍ତପୁର ଗ୍ରାମବାସୀ ଉପସ୍ଥିତ ଥିଲେ।


ମନ୍ଦିର ରତ୍ନମୁଦ ଲାଗି ପୂଜାର୍ଚ୍ଚନା କରାଯାଉଛି।

# ମାଳିସାହି ଆର୍‌ଆଇ ଚାକିରିରୁ ନିଲମ୍ବିତ

ନୂଆଗାଁ,୧୨।୫ (ଡି.ଏନ.ଏ)

ନୟାଗଡ଼ ଜିଲା ନୂଆଗାଁ ତହସିଲ ଅଧୀନରେ କାର୍ଯ୍ୟରତ ଆରଆଇ ଉତ୍ତରାଧିକାରୀ ପ୍ରମାଣପତ୍ରରେ ଜାଲିଆତି କରିବା ଫଳରେ ଜଣେ ବୃଦ୍ଧା ବାସହରା ହେବା ତାଙ୍କ ୩ ଝିଅ ନିଜ ସମ୍ପତ୍ତି ହରାଇଛନ୍ତି। ଏ ନେଇ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ବର୍ତ୍ତମାନ ମାଳିସାହି ଆରଆଇ ଥିବା ଉମେଶ ଚନ୍ଦ୍ର ଭୋଳଙ୍କୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ଶୁକ୍ରବାର ଚାକିରିରୁ ନିଲମ୍ବନ କରିଛନ୍ତି।

ସୂଚନା ମୁତାବକ, ନୟାଗଡ଼ ଜିଲା ନୂଆଗାଁ ତହସିଲ ମହୀପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଡମୁଣୀ ଗ୍ରାମର ବନବାସୀ ମହାକୁଡ଼ ଓ ସ୍ତ୍ରୀ ଗଣ୍ଡେଇଙ୍କର ଗୋଟିଏ ପୁଅ ମାଗେତା ଓ ୩ ଝିଅ। ବନବାସୀଙ୍କ ୨୦୦୩ରେ ମୃତ୍ୟୁ ହେବା ପରେ ବାପାଙ୍କ ନାମରେ ଥିବା ଜାଗା (ପ୍ଲଟ ନଂ. ୭୦/୫୫୧)ରେ ପରିବାର ଲୋକେ ରହୁଥିଲେ। ଜାନୁୟାରୀରେ ସମସ୍ତଙ୍କ ଅଗୋଚରରେ ମହୀପୁର ତତ୍କାଳ ଆରଆଇ ଭୋଳଙ୍କୁ ହାତ କରି ବେଆଇନ ଭାବେ ବନବାସୀଙ୍କ ପୁଅ ମାଗେତା ନିଜ ସ୍ତ୍ରୀ ରୀତାଙ୍କ ନାମରେ ୫ ଡିସିମିଲ ଜାଗା ରେଜିଷ୍ଟ୍ରି କରିବା ସହ ପ୍ରଫୁଲ୍ଲ କୁମାର ସାହୁଙ୍କୁ ୮ ଡିସିମିଲ ଜାଗା ବିକ୍ରି କରିଦେଇଛନ୍ତି। ଜାଗା କିଣିଥିବା ବ୍ୟକ୍ତି ପରିବାର ଲୋକଙ୍କୁ ଘରୁ ବାହାର କରି ଦେବା ପରେ ଜାଗା ବିକ୍ରି ହୋଇଥିବା ବିଷୟରେ ସେମାନେ ଜାଣିବାକୁ ପାଇଥିଲେ। ତେବେ ଜାଗା ବିକ୍ରି କରିବା ସମୟରେ ଉତ୍ତରାଧିକାରୀମାନଙ୍କ ପ୍ରମାଣପତ୍ର ସହ ସବ୍ ରେଜିଷ୍ଟରଙ୍କ ନିକଟରେ ଉପସ୍ଥିତିର ଆବଶ୍ୟକତା ପଡ଼ିଥାଏ। ଉତ୍ତରାଧିକାରୀ ପ୍ରମାଣପତ୍ର ସମ୍ପୃକ୍ତ ଜାଗାର ରାଜସ୍ୱ ନିରୀକ୍ଷକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥାନ୍ତି। କିନ୍ତୁ ଏହି ଜାଗା ବିକ୍ରି ଘଟଣାରେ ମହୀପୁରର ତତ୍କାଳ ଆରଆଇ ଭୋଳ ସମ୍ପୂର୍ଣ୍ଣ ଜାଲିଆତି କରି ଉତ୍ତରାଧିକାରୀ ତାଲିକାରୁ ମା' ଓ ୩ ଭଉଣୀଙ୍କୁ ବାଦ୍ ଦେଇ କେବଳ ଗୋଟିଏ ପୁଅ ଥିବା ୨୧।୧୨।୨୨ ରିପୋର୍ଟରେ ଦର୍ଶାଇଥିଲେ। ଫଳରେ ମା' ଓ ଭଉଣୀମାନଙ୍କ ଅଗୋଚରରେ ପୁଅ ମାଗେତା ଜାଗା ବିକ୍ରି କରିବାକୁ ସମର୍ଥ ହୋଇ ପାରିଥିଲେ। ଆରଆଇଙ୍କ ଜାଲିଆତି ତଥ୍ୟ ଆଧାରରେ ଜାଗା ବିକ୍ରି ପରେ ପରିବାର ଲୋକେ ବାସହରା ହୋଇ ପଡିଛନ୍ତି। ଏହି ଘଟଣାରେ ଜିଲାପାଳ, ଉପଜିଲାପାଳଙ୍କ ନିକଟରେ ବନବାସୀଙ୍କ ସ୍ତ୍ରୀ ଗଣ୍ଡେଇ ଓ ୩ ଝିଅ ଲିଖିତ ଅଭିଯୋଗ କରିବା ସହ ନୂଆଗାଁ ଥାନାରେ ମଧ ଏତଲା ଦେଇଥିଲେ। ଏପରିକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ନୂଆଗାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ତେବେ ଏହାର ତଦନ୍ତ କରି ଜିଲାପାଳ ସାହୁ ମାଳିସାହି ସର୍କଲରେ କାର୍ଯ୍ୟରତ ଆରଆଇ ଉମେଶ ଚନ୍ଦ୍ର ଭୋଳଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାର୍ଯ୍ୟରୁ ନିଲମ୍ବନ ଅର୍ଡର ନଂ. ୧୦୬୭/୧୨।୫।୨୩ ଜାରି କରିଛନ୍ତି। ଏଥିସହ ଜିଲାପାଳଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ନ ଯିବାକୁ ନିର୍ଦ୍ଦେଶ ମଧ ଦେଇଛନ୍ତି।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗଣ୍ଡେଇ ମହାକୁଡ଼ ଓ ୩ ଝିଅ ।(ଫାଇଲ ଫଟୋ)

### ଜାଲିଆତି କରି ପରିବାରକୁ ବାସହରା କରାଇବା ଘଟଣା

